
ଡିସେମ୍ବର . ୧୯୯୨

# ଉତ୍କଳ ପ୍ରସଙ୍ଗ

6342
22/1/93





ଆଞ୍ଚଳିକ ସେନାବାହିନୀ ଦିବସ ପାଳନ ଉପଲକ୍ଷେ ୧୯୭୬ ନଭେମ୍ବର [illegible] ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୨୦-ଆଞ୍ଚଳିକ ପଦାତିକବାହିନୀ ପରେଡ୍ ରାଜ୍ୟପାଳ ଶ୍ରୀ ଏସ୍. ଏନ୍. ଶଙ୍କର ପରିଦର୍ଶନ କରୁଛନ୍ତି ।



୧୯୭୬ ଡିସେମ୍ବର ୨୦ ତାରିଖ ଦିନ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଏସ୍. ଏନ୍. ଶଙ୍କର ରାଜ୍ୟ ସରକାରଙ୍କ ଉଚ୍ଚ ଅଫିସର-ମାନଙ୍କ ସହ ବନ୍ୟାବିଧ୍ୱସ୍ତ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ ସମ୍ପର୍କରେ ଆଲୋଚନା କରୁଛନ୍ତି । ରାଜ୍ୟପାଳଙ୍କ ଉପଦେଷ୍ଟା ଶ୍ରୀ ଏମ୍. ରାମକୃଷ୍ଣୟା ଏବଂ ମୁଖ୍ୟ ଶାସନ ସଚିବ ଶ୍ରୀ ଦାସେ ମଧ୍ୟ ଉପସ୍ଥିତ ଅଛନ୍ତି ।

# ଉତ୍କଳ ପ୍ରସଙ୍ଗ

୧୯୭୬-ଡିସେମ୍ବର ; ପୌଷ
୧୮୯୮ ଶକାବ୍ଦ
ଷୋଡ଼ଶ ଖଣ୍ଡ : ପଞ୍ଚମ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଖ୍ୟ ସମ୍ପାଦକ:
ଶ୍ରୀ ଅଯୋଧ୍ୟା ନାରାୟଣ ତିୱାରୀ
ଆଇ. ଏ. ଏସ୍.,
ଲୋକ ସମ୍ପର୍କ ନିର୍ଦ୍ଦେଶକ

ସମ୍ପାଦକ:
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ:
ପ୍ରଜ୍ଞାଚକ୍ଷୁ ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ :
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ :
ଶ୍ରୀ ଅସିତ୍ ମୁଖାର୍ଜୀ

ମୁଦ୍ରଣ:
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦'୦୦ ପ୍ରତିଖଣ୍ଡ—ଟ ୧'୦୦

## ସୂଚୀପତ୍ର

### ପ୍ରସଙ୍ଗ କ୍ରମେ

ନୂତନ ପରିସ୍ଥିତି ଓ ଦାୟିତ୍ୱ ..... ୧

### ସମାଜପାଇଁ-ଜୀବନପାଇଁ

ମରୁଡ଼ି ପରିସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କ ସମୀକ୍ଷା ..... ୫
ଶାସନ ସଂସ୍କାର ..... ୬
ବୃକ୍ଷ ରୋପଣ ଏକ ଯଜ୍ଞ ..... ୯
ଜନ ସଂଖ୍ୟା ବୃଦ୍ଧି .....ଏକ ବିଷମ ସଂକଟ ..... ୧୩

### ସାହିତ୍ୟ ଓ ସଂସ୍କୃତି

କବିବର ରାଧାନାଥଙ୍କର ପଠାଣୀ ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ (ଦରବାର କାବ୍ୟରୁ ଉଦ୍ଧୃତ) ୧୬

### ମହିଳା ମହଲ

ଓଡ଼ିଶାରେ ନାରୀମାନଙ୍କ ପାଇଁ ବୈଷୟିକ ତାଲିମ ବ୍ୟବସ୍ଥା ୧୯

### ଶିଷ୍ଟ ଓ ବଶିଷ୍ଟ


ଡି. ଭାସ୍କର ରାଓ ..... ୨୧

### ଆଜିର ଓଡ଼ିଶା

ଆମ ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ କଣ ? ..... ୨୩
ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶ ଗ୍ରହଣ ଓ ଅଗ୍ରଗତି । ୨୬
ତାଳଚେର ସାରକାରଖାନା ନିର୍ମାଣ କାମର ଅଗ୍ରଗତି ୩୩
ପ୍ରଗତି ପଥେ ବାଲିଗୁଡ଼ା ବ୍ଲକ ..... ୩୫
ପ୍ରଗତି ପଥେ - ଆମ ଜିଲ୍ଲା କେନ୍ଦୁଝର ..... ୩୬
ପ୍ରଧାନ ମନ୍ତ୍ରୀ କଣ କହନ୍ତି । ..... ୪୧

### ଘଟଣା ପ୍ରବାହ

# ରାଜ୍ୟପାଳଙ୍କ ବାର୍ତ୍ତା



सत्यमेव जयते

ରାଜଭବନ,
ଭୁବନେଶ୍ୱର
୧୭ ଡିସେମ୍ବର ୧୯୭୬

ରାଷ୍ଟ୍ରପତିଙ୍କ ଘୋଷଣା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଗତକାଲିଠାରୁ ମୁଁ ଏହାର ଶାସନ ଦାୟିତ୍ୱ ଗ୍ରହଣ କରିଛି । ଯେଉଁମାନେ ମରୁଡ଼ି ଦ୍ୱାରା ପୀଡ଼ିତ ହୋଇଛନ୍ତି ଏବଂ ଜରୁରୀ ସାହାଯ୍ୟ ଅପେକ୍ଷା କରୁଛନ୍ତି; ମୁଁ ବର୍ତ୍ତମାନ ମୁହୂର୍ତ୍ତରେ ସେମାନଙ୍କ କଥା ପ୍ରଥମେ ଚିନ୍ତା କରୁଛି । ସେମାନଙ୍କୁ ଯଥାସମ୍ଭବ ସବୁପ୍ରକାର ସାହାଯ୍ୟ ପ୍ରଦାନ କରିବା ମୋର ଏବଂ ମୋ ଶାସନକଳର ସର୍ବପ୍ରଥମ କାର୍ଯ୍ୟ । ଏ ଦିଗରେ ବିଭିନ୍ନ ମତବାଦର ଲୋକଙ୍କଠାରୁ ତଥା ଓଡ଼ିଶାର କଲ୍ୟାଣ ନିମନ୍ତେ ଚିନ୍ତା କରୁଥିବା ସମସ୍ତଙ୍କଠାରୁ ସମ୍ପୂର୍ଣ୍ଣ ଆନ୍ତରିକ ସହାଯ୍ୟ ଓ ସହଯୋଗ ମୁଁ ପାଇବି ବୋଲି ବିଶ୍ୱାସ କରେ । ମୁଁ ଓ ମୋର ଉପଦେଷ୍ଟା ଶ୍ରୀ ଏମ୍. ରାମକ୍ରିଷ୍ଣାୟା ଏହାର ବିଭିନ୍ନ ସମସ୍ୟା, ବିଶେଷତଃ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ସମ୍ପର୍କରେ ଜନସାଧାରଣଙ୍କ ସହିତ ଗଠନମୂଳକ ଆଲୋଚନା ବା ପରାମର୍ଶ କରିବାକୁ ପ୍ରସ୍ତୁତ ଅଛୁ । ଆପଣମାନଙ୍କଠାରୁ ଯେଉଁ ସହଯୋଗ ଓ ସଦିଚ୍ଛା ଆଶା କରୁଛି, ତାହାର ଯଥାର୍ଥତା ପ୍ରତିପାଦିତ କରିବାପାଇଁ ମୋ ଶାସନ କଳ ଅନୁରକ୍ତି ଓ ଆନ୍ତରିକତା ସହକାରେ କାର୍ଯ୍ୟ କରିବା ନିମନ୍ତେ ଉଦ୍ୟମ କରିବ । ଏହି ସଂପ୍ରତି ରାଜ୍ୟ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାମାନଙ୍କୁ ଅତିକ୍ରମ କରିବାକୁ ହେଲେ ସମସ୍ତଙ୍କୁ ବ୍ୟକ୍ତିଗତ ମତଭେଦ ଭୁଲି ମିଳିତ ପ୍ରଚେଷ୍ଟାରେ କାର୍ଯ୍ୟ କରିବାକୁ ପଡ଼ିବ । ରାଜ୍ୟରେ ନିଶ୍ଛିଦ୍ରରୂପେ ନିର୍ମଳ ଶାସନ ପ୍ରତିଷ୍ଠା କରିବାକୁ ମୁଁ ଉଦ୍ୟମ କରିବି । ମୋର ଯେଉଁ ଅଫିସର-ମାନଙ୍କ ସହିତ ମୁଁ ପରାମର୍ଶ କରିଅଛି, ସେମାନେ ମୋତେ ଏହାର ସମସ୍ୟାମାନଙ୍କର ସମାଧାନ ନିମନ୍ତେ କଠିନ, ଆନ୍ତରିକ ତଥା ଉତ୍ସର୍ଗୀକୃତ କାର୍ଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ଶିବ ନାରାୟଣ ଶଙ୍କର
ରାଜ୍ୟପାଳ, ଓଡ଼ିଶା

# ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କ ବେତାର ଭାଷଣ



"ଆପଣମାନେ ଜାଣନ୍ତି, ଆମ ରାଜ୍ୟର ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଏକ ପରିବର୍ତ୍ତନ ହୋଇଛି । ଏ ପରିବର୍ତ୍ତନ ଆକସ୍ମିକ ବା ଅପ୍ରତ୍ୟାଶିତ ନୁହେଁ । ବରଂ ଏହା ସ୍ୱାଭାବିକ ଓ ଅପରିହାର୍ଯ୍ୟ ହୋଇ ପଡ଼ିଥିଲା ବୋଲି ଇତିହାସ କହିବ । ଯେଉଁ ପରିସ୍ଥିତି ଦେଇ ଆମେ ଗତି କରୁଥିଲୁ ତାହାର ପରିଣତି ହୁଏତ ଆମମାନଙ୍କ ପାଇଁ ଅଧିକ କ୍ଷତିକାରକ ହୋଇଥାନ୍ତା । ଯାହାହେଉ, ଆମମାନଙ୍କର ସୌଭାଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଆଶୀର୍ବାଦ ଫଳରେ ଜାତୀୟ ସ୍ରୋତ ସହିତ ସାମିଲ ହେବାପାଇଁ ପୁଣିଥରେ ଆମମାନଙ୍କୁ ସୁଯୋଗ ମିଳିଛି । ଏ ପରିବର୍ତ୍ତନ ଫଳରେ ରାଜ୍ୟବାସୀଙ୍କ ଭବିଷ୍ୟତ ମଙ୍ଗଳମୟ ହେବ ।

"ଆଜି ଅପରାହ୍ନରେ ଆମ ରାଜ୍ୟର ନୂତନ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିଛି । ଏହି ନୂତନ ସରକାରର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଆମ୍ଭେମାନେ ସଚେତନ । ଓଡ଼ିଶାର ଅଗଣିତ ନରନାରୀଙ୍କର ଆଶା ଓ ଆକାଂକ୍ଷାକୁ ସଫଳ ରୂପ ଦେବାପାଇଁ ମୁଁ ଓ ମୋ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଅପ୍ରାଣ ଉଦ୍ୟମ କରିବୁ । ଦଳିତ, ଅବହେଳିତ ଜନତାର ସେବାରେ ଆମେ ପୂର୍ଣ୍ଣ ପ୍ରାଣରେ ନିୟୋଜିତ ରହିବୁ । ମୋ ପକ୍ଷରୁ ଓ ମୋ ସହଯୋଗୀମାନଙ୍କ ପକ୍ଷରୁ ମୁଁ ଆପଣମାନଙ୍କୁ ଏତିକି ପ୍ରତିଶ୍ରୁତି ଦେଇପାରେ ଯେ ଓଡ଼ିଶାରେ ଏକ ସୁଦୃଢ଼, ଦକ୍ଷ, ନିର୍ମଳ ସରକାର ପ୍ରତିଷ୍ଠା ହେବ । ସାଧାରଣ ଜନତାର ହିତ ସାଧନ ଓ ଜାତୀୟ ଲକ୍ଷ୍ୟ ପରିପୂରଣ ସରକାରର ମୁଖ୍ୟ ଆଭିମୁଖ୍ୟ ହେବ । ଆମେ ରାଜ୍ୟକୁ ଶାସନ କରୁଛୁ ବା ରାଜ୍ୟ ଚଳାଉଛୁ—ଏଭଳି ମନୋଭାବ ପରିହାର କରି ରାଜ୍ୟର ସେବାକୁ ମୂଳମନ୍ତ୍ର କରି ଆମର ସାମ୍ବିଧାନିକ ଦାୟିତ୍ୱ ତୁଲାଇବୁ ।"

"ଭାରତୀୟ ଜନତାର ଐକ୍ୟ ଓ ସଂହତିର ପ୍ରତୀକ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶବାସୀଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କରି ବୈପ୍ଳବିକ ଦୃଷ୍ଟିକୋଣ ଓ ଯୁଗୋପଯୋଗୀ ଚିନ୍ତାଧାରା ଆଧୁନିକ ଭାରତକୁ ତା'ର ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଉଛି । ଦେଶକୁ ହିଂସା, ଅରାଜକତା ଦୂରକରି, ଶାନ୍ତି, ସଂହତି ଓ ପ୍ରଗତି ମାର୍ଗରେ ପରିଚାଳିତ କରିବା ପାଇଁ ତାଙ୍କରି ନେତୃତ୍ୱ ଆମ ଜାତୀୟ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଜରୁରୀ ପରିସ୍ଥିତି ଜାରିହେବା ପରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସେ ନୂତନ ଆଲୋକର ସନ୍ଧାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ୨୦ ଦଫା କାର୍ଯ୍ୟକ୍ରମ ସାଙ୍ଗକୁ ଶ୍ରୀ ସଞ୍ଜୟ ଗାନ୍ଧୀଙ୍କ ୫ ଦଫା କାର୍ଯ୍ୟକ୍ରମ ଆମ ଜାତୀୟ ଜୀବନକୁ ସମୃଦ୍ଧ କରିବା ପାଇଁ ନୂତନ ଦିଗନ୍ତ ସୃଷ୍ଟି କରିଛି । ଅନଗ୍ରସର ଓଡ଼ିଶା ରାଜ୍ୟ ପକ୍ଷେ ଏହି କାର୍ଯ୍ୟକ୍ରମଗୁଡ଼ିକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାର ସଫଳତା ପାଇଁ ସରକାର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଲଗାଇ ଅପ୍ରାଣ ଉଦ୍ୟମ କରିବେ । ଲୋକଙ୍କ ମଧ୍ୟରେ [illegible] ରହିଥିବା ଅଜ୍ଞାନ, କୁସଂସ୍କାର ଓ ଅନ୍ଧବିଶ୍ୱାସ ଲୋପ କରିବା ଦିଗରେ ଶ୍ରୀ ଗାନ୍ଧୀଙ୍କ ୫ ଦଫା କାର୍ଯ୍ୟକ୍ରମ ବିଶେଷ ସହାୟକ ହୋଇଛି । ଯୁବ କଂଗ୍ରେସର ବନ୍ଧୁମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦ୍ୟମ କରୁଥିବାରୁ ମୁଁ ସେମାନଙ୍କୁ ମୋ ପକ୍ଷରୁ ଓ ସରକାରଙ୍କ ପକ୍ଷରୁ ଅଭିନନ୍ଦନ ଜଣାଉଛି ।

"ରାଜ୍ୟର ବହୁବିଧ ସମସ୍ୟା ପ୍ରତି ଦୃଷ୍ଟି ଦେବାବେଳେ ମରୁଡ଼ି ପରିସ୍ଥିତି ସ୍ୱଭାବତଃ ପ୍ରଥମେ ଦୃଷ୍ଟି ଆକର୍ଷଣ କରିବ । ଚଳିତ ବର୍ଷର ବୃଷ୍ଟିହୀନତା ଫଳରେ ଫସଲର କ୍ଷୟକ୍ଷତି ଘଟି ଗରିବ ଚାଷୀ ଓ ଶ୍ରମିକ ଦୁଃଖକଷ୍ଟ ଭୋଗୁଛନ୍ତି । ସେମାନଙ୍କର ଦୁଃଖଦୁର୍ଦ୍ଦଶା ମୋଚନ କରିବା ସରକାରର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବ । ଯେଉଁ ଗରିବ ଭୂମିହୀନ ଶ୍ରମିକମାନେ କାମଧନ୍ଦା ଅଭାବ ଯୋଗୁ ହନ୍ତସନ୍ତ ହେଉଛନ୍ତି, ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାକୁ ତତ୍ପରତାର ସହ ସରକାର କାର୍ଯ୍ୟ କରିବ । କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକୀୟ ସାହାଯ୍ୟ ଆଣି ଓ ରାଜ୍ୟର ନିଜ ସମ୍ବଳ ବିନିଯୋଗ କରି ଅଧିକରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଦିଆଯିବ । ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁ ଆମ ରାଜ୍ୟବାସୀ ଅନେକ ସମୟରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆମ ସରକାର ସତତ ଯତ୍ନଶୀଳ ରହିବ । ମରୁଡ଼ି ପ୍ରତିକାର କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ୫ କୋଟି ୧୦ ଲକ୍ଷ ଟଙ୍କା ସାହାଯ୍ୟ ଦେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଆଉମଧ୍ୟ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ ଓ ସହାନୁଭୂତିର ନିଦର୍ଶନ ସ୍ୱରୂପ ପ୍ରଧାନମନ୍ତ୍ରୀ ତାଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେଇଛନ୍ତି ।

"କୃଷି ଓ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ପଡ଼ି ରହିଛି । କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନ ଯୋଜନାଗୁଡ଼ିକ ସଂପୂର୍ଣ୍ଣ କରିବା ଓ ଜଳସେଚନ ବ୍ୟବସ୍ଥାର ପ୍ରସାର କରାଯିବା ଆବଶ୍ୟକ । ରାଜ୍ୟରେ ରହିଥିବା ବିପୁଳ ପ୍ରାକୃତିକ ସଂପଦର ବିନିଯୋଗ କରି ଅର୍ଥନୀତିକୁ ମଜବୁତ କରିବା ପାଇଁ ଉଦ୍ୟମ କରାଯିବ । ବିଗତ ବର୍ଷମାନଙ୍କରେ ରାଜ୍ୟରେ ଶିଳ୍ପ ପ୍ରସାର ଯେଉଁଳି ହେବା କଥା ତାହା ହୋଇ ପାରିନାହିଁ । କୃଷି ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ ଶିଳ୍ପ ପ୍ରସାର ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ, ଯାହା ଫଳରେକି ରାଜ୍ୟର ଅର୍ଥନୈତିକ ମେରୁଦଣ୍ଡ ସୁଦୃଢ଼ ହୋଇପାରିବ । ଶିଳ୍ପ ପ୍ରସାର ସମ୍ଭବ ହେଲେ ଶିକ୍ଷିତ ବେକାରମାନଙ୍କର କର୍ମନିଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ । ରାଜ୍ୟର ଦ୍ରୁତ ଶିଳ୍ପାୟନ ପାଇଁ କେନ୍ଦ୍ର ସରକାରଙ୍କର ସାହାଯ୍ୟ ନିଆଯିବ । ଭୂସଂସ୍କାର କାର୍ଯ୍ୟକ୍ରମକୁ ଅବଶ୍ୟ ଅଗ୍ରାଧିକାର ଦିଆଯିବ ।

"ଆମ ରାଜ୍ୟର ଆଦିବାସୀ, ହରିଜନ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଶ୍ରେଣୀର କଲ୍ୟାଣ ପାଇଁ ସରକାର ସବୁବେଳେ ସଚେତନ ହୋଇ କାର୍ଯ୍ୟ କରିବେ । ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ଉନ୍ନତି ବିଧାନ ଜାତୀୟ ଲକ୍ଷ୍ୟ ହୋଇଥିବାରୁ ଓଡ଼ିଶା ସରକାରଙ୍କର ଏ ସଂକ୍ରାନ୍ତ କାର୍ଯ୍ୟକ୍ରମ ପ୍ରତି କେନ୍ଦ୍ରର ସାହାଯ୍ୟ ଓ ସମର୍ଥନ ସବୁବେଳେ ମିଳିବ ବୋଲି ମୋର ଦୃଢ଼ ବିଶ୍ୱାସ । ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ କରିବା ଓ ନୂତନ କାର୍ଯ୍ୟକ୍ରମ ଗଢ଼ିଆରେ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ଉନ୍ନତି ପାଇଁ ଯଥାସମ୍ଭବ ଉଦ୍ୟମ କରାଯିବ । ଆଦିବାସୀଙ୍କୁ ମହାଜନମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ କଠୋର ବ୍ୟବସ୍ଥା ଗ୍ରହଣ କରାଯିବ ଏବଂ ନିଶା ନିବାରଣ ପ୍ରବର୍ତ୍ତନ ହେବ ।

ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକ ପ୍ରତି ମଧ୍ୟ ଯଥୋଚିତ ଧ୍ୟାନ ଦେବେ । ମୋଟ ଉପରେ ଓଡ଼ିଶାର ଅନଗ୍ରସରତା ଦୂରକରି ସବୁ କ୍ଷେତ୍ରରେ ଦେଶର ଉନ୍ନତ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ହୋଇ ଜାତୀୟ ପ୍ରଗତିର ପରିପୂରକ ଭାବେ ଓଡ଼ିଶାକୁ ନୂଆ ରୂପ ଦେଇ ଗଢ଼ିବା, ଆମ ସରକାରଙ୍କର ଧ୍ୟେୟ ହେବ ।

ରାଜ୍ୟର ଉନ୍ନତି କଥା ଚିନ୍ତା କଲାବେଳେ ଯେଉଁମାନଙ୍କୁ ନେଇ ଓ ଯେଉଁମାନଙ୍କ ଜରିଆରେ ଏହି କାର୍ଯ୍ୟ ସଂପାଦନ ହେବ, ସେମାନଙ୍କ ସଂପର୍କରେ ମୁଁ ସଚେତନ । ଛାତ୍ର, ଯୁବକ, କୃଷକ, ଶ୍ରମିକ, ବୁଦ୍ଧିଜୀବୀ ତଥା ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ ଓଡ଼ିଶାର ଉନ୍ନତି ଓ ପ୍ରଗତି ପାଇଁ ଏବେ ଏକ ନୂଆ ସୁଯୋଗ ଆସିଛି, ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଷ୍ଠା ଓ ଆନ୍ତରିକତାର ସହ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ଶପଥ ନେବା । ଏ ଦାୟିତ୍ୱ ସଂପାଦନ ପାଇଁ ମୁଁ ସବୁ ଶ୍ରେଣୀର ଲୋକଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି । ଓଡ଼ିଶାକୁ ନୂଆ ରୂପ ଦେବା ପାଇଁ ଆଜି ଆମକୁ ଯେଉଁ ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ସୁଖୀ ଓ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରୁଛି ।

ଜୟହିନ୍ଦ୍

**ପ୍ରସଙ୍ଗ କ୍ରମେ**

# ନୂତନ ପରିସ୍ଥିତି ଓ ଦାୟିତ୍ୱ

ଏପ୍ରିଲମାସ ଷୋଳ ତାରିଖରେ ଶ୍ରୀମତୀ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରିହେଲା । ଏବଂ ମାନ୍ୟବର ରାଜ୍ୟପାଳ ଶ୍ରୀ ଶିବନାରାୟଣ ଶଙ୍କର ଓଡ଼ିଶାର ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ରଖିବାର ଘୋଷଣାକରି ଶାସନଭାରର ନିଜହସ୍ତକୁ ଗ୍ରହଣ କଲେ । ଓଡ଼ିଶାରେ ଏବର୍ଷ ଦୈବଦୁର୍ବିପାକ ଫଳରେ ପ୍ରାୟ ସବୁଜିଲ୍ଲାରେ ଉତ୍କଟ ମରୁଡ଼ି ପରିସ୍ଥିତି ଦେଖା ଦେଇଛି । ଏବର୍ଷ ଏତେ କମ୍ ବର୍ଷା ହୋଇଛି ଯେ କୂଅ ପୋଖରୀରେ ମଧ୍ୟ ଆଜିଠାରୁ ପାଣି ଶୁଖିଗଲାଣି । ଏହି ଉତ୍କଟ ମରୁଡ଼ି ପରିସ୍ଥିତିକୁ ସମ୍ଭାଳିବା ଲାଗି ଏହା ସମସ୍ତ ରାଜ୍ୟବାସୀଙ୍କ ଉପରେ ଗୋଟାଏ ଅଗ୍ନିପରୀକ୍ଷା ମାଡ଼ିବସିଛି । ତଥାପି ରାଜ୍ୟବାସୀ ଖୁବ୍ ସାହସ ଓ ଉଦ୍ୟମ ମଧ୍ୟ ଦେଖାଇଛନ୍ତି ।

ମାନ୍ୟବର ରାଜ୍ୟପାଳ ଶାସନ ଦାୟିତ୍ୱ ନେବା ପରେପରେ ହିଁ ତାଙ୍କର ଉପଦେଷ୍ଟା ଶ୍ରୀ ରାମକୃଷ୍ଣୟାଙ୍କ ପରାମର୍ଶରେ ଓ ବିଭାଗୀୟ ଉଚ୍ଚ ଅଫିସରମାନଙ୍କ ସଙ୍ଗେ ଘନଘନ ଆଲୋଚନା କରି ରାଜ୍ୟର ଏହି କରାଳ ମରୁଡ଼ି ପରିସ୍ଥିତିର ଦୃଢ଼ ମୁକାବିଲା କରିବା ଦିଗରେ ଆଶୁ ବ୍ୟବସ୍ଥା କରି ଚାଲିଛନ୍ତି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ରାଜ୍ୟର ମରୁଡ଼ି ପ୍ରପୀଡ଼ିତ ଅସହାୟ ଲୋକଙ୍କପାଇଁ ପ୍ରଥମ ଦଫାରେ ୫ ଲକ୍ଷ ଟଙ୍କା ଦାନ କରିଛନ୍ତି । ରାଜ୍ୟ ଏବଂ ଓଡ଼ିଶାକୁ ମରୁଡ଼ି କବଳରୁ ଉଦ୍ଧାର କରିବାଲାଗି କେନ୍ଦ୍ରରୁ ବହୁ ସାହାଯ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି । ରାଜ୍ୟର ନେତୃସ୍ଥାନୀୟ ସରକାର ସବୁମତେ ମରୁଡ଼ି ପରିସ୍ଥିତିକୁ ମୁକାବିଲା କରିବାକୁ ଦୃଢ଼ ପ୍ରତିଜ୍ଞ ଓ ସକ୍ରିୟ । ବିପଦବେଳେ ବିପଦକୁ ସମ୍ମୁଖୀନ ହେଉହେଉ ବ୍ୟକ୍ତିମାନେ ମଧ୍ୟ ଏ ପରିସ୍ଥିତି ପ୍ରତି ଖୁବ୍ ସଚେତନ ରହିଛନ୍ତି । ସରକାରୀ ସାହାଯ୍ୟକୁ ଯଦି ଆମେ ସଦୁପଯୋଗ ନକରିପାରିବା—ଯଦି ଅନେକ ନୂତନ କାର୍ଯ୍ୟ ମଧ୍ୟ ହୋଇଯାଏ । ଆମେ ସରକାରଙ୍କ ଯୋଜନା ସଙ୍ଗେ ଠିକ୍‌ଭାବେ ସହଯୋଗ ନକରିପାରିବା—ତେବେ ଆମେ ବିପଦକୁ ସମ୍ପଦରେ ପରିଣତ କରି ପାରିବା ନାହିଁ । ସେହି ବ୍ୟକ୍ତି ଓ ଜାତି ଧନ୍ୟ ଯେ କି ବିପଦରେ ଇତସ୍ତତଃ ନ ହୋଇ ବିପଦକୁ ସମ୍ପଦରେ ପରିଣତ କରିବାକୁ ପ୍ରାଣମୂର୍ଚ୍ଛା ଲାଗିପଡ଼େ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଗୋଟିଏ କଥା ଉପରେ ବାରମ୍ବାର ଜୋର ଦେଇଥାନ୍ତି—ତାହା ହେଉଛି କଠିନ ପରିଶ୍ରମ । ପ୍ରକୃତରେ କଠିନ ପରିଶ୍ରମ ଫଳରେ ହିଁ ଆମେ ଏହି ମରୁଡ଼ି ପରିସ୍ଥିତିକୁ ସମ୍ମୁଖୀନ ହୋଇପାରିବୁ ଓ ସରକାରଙ୍କ ସାହାଯ୍ୟରେ ଆମେ ଏପରି କେତେକ ଯୋଜନା ପ୍ରତିଷ୍ଠିତ କରିଦେବୁ ଯାହାକି ଆମକୁ ଭବିଷ୍ୟତରେ ଏହି ପ୍ରାକୃତିକ ଦୁର୍ଯୋଗାଦିରୁ ରକ୍ଷା କରିପାରିବ । ଏହି ସମୟ ମଧ୍ୟରେ ସରକାର ଲୋକଙ୍କୁ ବହୁ କାମ ଯୋଗାଉ ଦେବା ଯୋଜନା କଲେଣି । ବହୁ କୂପ, ପୁଷ୍କରିଣୀ ଓ ଜଳସେଚନର ବିଭିନ୍ନ ବ୍ୟବସ୍ଥା କାର୍ଯ୍ୟକାରିତା ଦିଗରେ ମଧ୍ୟ ସରକାର ଖୁବ୍ ସକ୍ରିୟ ହୋଇ ଉଠିଲେଣି ।

ତେଣୁ ପ୍ରାକୃତିକ ଦୁର୍ଯୋଗକୁ ସମ୍ମୁଖୀନ ହେବାର ଦାୟିତ୍ୱ କେବଳ ସରକାରଙ୍କ ଉପରେ ଲଦିଦେବା ହେଉଛି ପୁରାତନ କାଳର କଥା । ସମସ୍ତ ଜାତି ଏହାର ସମ୍ମୁଖୀନ ହେବାକୁ ପଡ଼ିବ । ଏହା ଗୋଟିଏ ବ୍ୟକ୍ତିଗତ ଦାୟିତ୍ୱ ନୁହେଁ କେବଳ । ଏହା ମଧ୍ୟ ଗୋଟିଏ ଜାତୀୟ ଦାୟିତ୍ୱ ।

# ପଠାଣି ସାମନ୍ତ

## (ଦୁଇ)

ଓଡ଼ିଶାର ଖଣ୍ଡପଡ଼ା ବୋଲି ସେକାଳର ଗୋଟିଏ ଦେଶୀୟ ରାଜ୍ୟ । ସେଇଠି ୧୮୩୫ ମସିହା ପୌଷ କୃଷ୍ଣାଷ୍ଟମୀ ଦିନ ଚନ୍ଦ୍ରଶେଖର ଜନ୍ମଗ୍ରହଣ କରିଥିଲେ । ପିତା ଶ୍ୟାମବନ୍ଧୁ ସିଂହ ଓ ମାତା ବିଷ୍ଣୁମାଳୀ ଦେବୀଙ୍କୁ ବହୁ କଷ୍ଟରେ ଏହି ରୋଗୀଣା ପିଲାଟିକୁ ଲାଳନ ପାଳନ କରିବାକୁ ପଡ଼ିଥିଲା । ମାତ୍ର ପିଲାଦିନୁ ସ୍ୱାସ୍ଥ୍ୟରେ ଦୁର୍ବଳ ହୋଇଥିଲେ ବି ବୟସବୃଦ୍ଧି ସଙ୍ଗେ ସଙ୍ଗେ ସେ ନିଜର ମାନସିକ ଉତ୍କର୍ଷ ଦ୍ୱାରା ସମସ୍ତଙ୍କୁ ଚମତ୍କୃତ କରାଇ ଦେଇଥିଲେ । ପିଲାଦିନୁ ତାଙ୍କର ଡାକନାମ ଥିଲା ପଠାଣି । ସେହି ନାମରେ ହିଁ ସେ ବଡ଼କାଳକୁ ପଠାଣି ସାମନ୍ତ ରୂପେ ବିଶ୍ୱବିଖ୍ୟାତ ହୋଇଥିଲେ ।

ସଂସ୍କୃତ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟର ଯଥେଷ୍ଟ ବ୍ୟୁତ୍ପତ୍ତି ଲାଭକରି ପଠାଣିସାମନ୍ତ ଜ୍ୟୋତିଷ ଶାସ୍ତ୍ରରେ ଗବେଷଣା କରିଥିଲେ । ସେ ଆଦୌ ଇଂରାଜୀଭାଷା ଜାଣି ନ ଥିଲେ । ଦୂରବୀକ୍ଷଣ ଯନ୍ତ୍ରଟିଏ ମଧ୍ୟ ସେ ଆଖିରେ ଦେଖି ନ ଥିଲେ । ମାତ୍ର ଆର୍ଯ୍ୟଭଟ୍ଟ, ବରାହମିହିର, ଭାସ୍କର ପ୍ରମୁଖ ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଜ୍ଞାନୀମାନଙ୍କ ଗ୍ରନ୍ଥ ସେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲେ । ମାତ୍ର କେତେକ ବୈଜ୍ଞାନିକ ସିଦ୍ଧାନ୍ତ ପ୍ରତି ସେ ସଂଶୟଶୀଳ ହୋଇ ନିଜେ ସାମାନ୍ୟ କାଠ କେତେଖଣ୍ଡ ସାହାଯ୍ୟରେ ମହାକାଶର ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ନିରୀକ୍ଷଣ ପୂର୍ବକ ଏବଂ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଗଣିତ ଶାସ୍ତ୍ରର ଅନୁସରଣ ପୂର୍ବକ କେତେକ ନୂତନ ତଥ୍ୟ ଏବଂ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ସେହିସବୁ ତଥ୍ୟ "ସିଦ୍ଧାନ୍ତଦର୍ପଣ" ନାମକ ଗ୍ରନ୍ଥରେ ସେ ପ୍ରକାଶ କରିଛନ୍ତି । ପ୍ରଥମେ ତତ୍କାଳୀନ ରେଭେନ୍ସା କଲେଜର ଫିଜିକ୍ସ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ସେହି ଗ୍ରନ୍ଥର ଭୂୟସୀ ପ୍ରଶଂସା କରି ପାଶ୍ଚାତ୍ୟ ଦେଶର ବିଜ୍ଞାନ ପତ୍ର ପତ୍ରିକାକୁ ଜଣାଇଲେ । ପାଶ୍ଚାତ୍ୟ ବିଜ୍ଞାନୀମାନେ ଚନ୍ଦ୍ରଶେଖରଙ୍କର ସମସ୍ତ ମତବାଦକୁ ଗ୍ରହଣ ନ କଲେ ସୁଦ୍ଧା ବହୁତ ତାଙ୍କର ବହୁ ସିଦ୍ଧାନ୍ତକୁ ପ୍ରଶଂସାର ସହିତ ମାନି ନେଇଥିଲେ । ପରବର୍ତ୍ତୀ କାଳରେ ତତ୍କାଳୀନ ବ୍ରିଟିଶ ସରକାର ପଠାଣିସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ।

ଦୂରବୀକ୍ଷଣ ଯନ୍ତ୍ର ସହ ଅପରିଚିତ ଊନବିଂଶ ଶତାବ୍ଦୀର ଏହି ସର୍ବଶ୍ରେଷ୍ଠ ଦୃକ୍‌ସିଦ୍ଧ ବୈଜ୍ଞାନିକ ଅବଶ୍ୟ ଘୋଷଣା କରିଥିଲେ ଯେ ଆମର ଏହି ପୃଥିବୀ ସ୍ଥିର ରହିଛି । ଅନ୍ୟ ଗ୍ରହମାନେ କିନ୍ତୁ ସୂର୍ଯ୍ୟଙ୍କୁ କେନ୍ଦ୍ରକରି ଭ୍ରମଣ କରୁଛନ୍ତି—ଏବଂ ସୂର୍ଯ୍ୟ ସେହି ଘୂର୍ଣ୍ଣାୟମାନ ଗ୍ରହମାନଙ୍କ ସହିତ ଆମର ଏହି ସ୍ଥିର ପୃଥିବୀକୁ ପରିକ୍ରମଣ କରୁଛନ୍ତି । ସେ ପୁଣି କହନ୍ତି ଯେ ଚନ୍ଦ୍ର ହେଉଛି ଆମ ପୃଥିବୀର ଏକ ଘୂର୍ଣ୍ଣାୟମାନ ଉପଗ୍ରହ ।

ଅବଶ୍ୟ ଭୂ-ଭ୍ରମଣବାଦ ବିରୋଧରେ ତାଙ୍କର ଏପରି ଆବିଷ୍କାର ଏବେ ଆଉ ବିଜ୍ଞାନୀ ମହଲରେ ଗ୍ରହଣଯୋଗ୍ୟ ନୁହେଁ । ମାତ୍ର ଏକଥା ଛାଡ଼ିଦେଲେ, ଜ୍ୟୋତିଷ୍କ ମାନଙ୍କର ଗତିବିଧି, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ, ବିଭିନ୍ନ ସୁଉଚ୍ଚ ପର୍ବତଗୁଡ଼ିକର ଉଚ୍ଚତା ପ୍ରଭୃତି ସମ୍ବନ୍ଧେ ସେ ନିଜଦ୍ୱାରା ନିର୍ମିତ ଯନ୍ତ୍ରଗୁଡ଼ିକ ସାହାଯ୍ୟରେ ଯେପରି ନିର୍ଭୁଲ ଗଣନା କରି ଯାଇଛନ୍ତି—ତାହା ତାଙ୍କର ଧୀମତ୍ତା ଓ ସାଧନାର ପରାକାଷ୍ଠା ପ୍ରଦର୍ଶନ କରେ । ଅଧ୍ୟାପକ ଦେବକାନ୍ତ ମିଶ୍ରଙ୍କ ଭାଷାରେ "ସେ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ସ୍ୱୀୟ ମତବାଦ ସପକ୍ଷରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା"

ଯାଇଁ ବସ୍ତୁବାଦୀ ଦୃଷ୍ଟି କୋଣରୁ ଅଭିକ୍ରିୟାତ୍ମକ ଗବେଷଣାପ୍ରତି ଯେପରି ଦୃଢ଼ ଆକ୍ଷେପ କରିଥିଲେ, ତାହା ଅତି ଆମକୁ ବିସ୍ମୟାଭିଭୂତ କରୁଛି" । ଅଧ୍ୟାପକ ଦେବକାନ୍ତ ପଠାଣୀ ସାମନ୍ତଙ୍କୁ ପାଶ୍ଚାତ୍ୟ ଜ୍ୟୋତିର୍ବିତ କୋପରନିକସ୍ଙ୍କ ସହ ତୁଳନା କରି ଏବେ ପ୍ରକାଶ କରିଛନ୍ତି– ପଠାଣୀ ସାମନ୍ତଙ୍କ ଦୃକ୍‌ସିଦ୍ଧ ଜ୍ୟୋତିର୍ବିଜ୍ଞାନ ସିଦ୍ଧାନ୍ତ ଅନୁସରଣ କରି ଓଡ଼ିଶା ଓ ବଙ୍ଗଳା ରାଜ୍ୟରେ ପଞ୍ଜିକାମାନ ରଚିତ ହୋଇ ଆସୁଅଛି । ମାତ୍ର ଏପର୍ଯ୍ୟନ୍ତ ତାଙ୍କର ସଂସ୍କୃତ ଭାଷାରେ ଲିଖିତ "ସିଦ୍ଧାନ୍ତଦର୍ପଣ" ଗ୍ରନ୍ଥର ଏକ ସରଳ ସୁବୋଧ୍ୟ ବିଜ୍ଞାନମୂଳକ ଟୀକା ଆମ ରାଜ୍ୟରେ ପ୍ରକାଶିତ ହୋଇ ପାରିଲା ନାହିଁ" ।

ଏହି ପୌଷମାସ କୃଷ୍ଣାଷ୍ଟମୀ ଦିନ ଉତ୍କଳର ସେହି ମହାନ୍ ବ୍ୟକ୍ତି ଜନ୍ମଗ୍ରହଣ କରିଥିଲେ । କବିବର ରାଧାନାଥ ଯଥାର୍ଥରେ ତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି—

ଉତ୍କଳମାତାର ଯୋଗ୍ୟତମ ସୁତ
ତୁମ୍ଭଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ ।

ଏହି ଅବସରରେ ଆମ୍ଭେମାନେ ସେହି ମହାନ୍ ଆତ୍ମାଙ୍କ ଉଦ୍ଦେଶ୍ୟରେ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।



## ଅକ୍ଟୋବର ୩୧ ତାରିଖରେ ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ



ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନ ଗ୍ରାମାଞ୍ଚଳରେ ବ୍ୟାପକ ଭାବରେ ପ୍ରସାରିତ ହେଉଥିବାରୁ ମୁଁ ଆନନ୍ଦିତ ଅଟେ । କୃଷି ଉନ୍ନୟନ ଗ୍ରାମ୍ୟ ଅର୍ଥନୀତିକୁ ଉନ୍ନତ କରିଅଛି । ବର୍ଦ୍ଧିତ ଆୟର ଏକ ବିଶେଷ ଅଂଶ ସଂଚିତ ହୋଇପାରିଲେ ତାହା ଦେଶର ତଥା ଗ୍ରାମବାସୀଙ୍କର ଉପକାର ସାଧନ କରିବ ।

—ଇନ୍ଦିରା ଗାନ୍ଧୀ—

ପ୍ରଧାନମନ୍ତ୍ରୀଙ୍କ ୨୦ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କଠିନ ପରିଶ୍ରମ ସହିତ ଅଧିକ ଉତ୍ପାଦନ ଏବଂ ଅଧିକ ସଂଚୟ ଏକାନ୍ତ ଆବଶ୍ୟକ ।

- ❋ ଆପଣ ନିଜ ପାଇଁ ନୂଆ ଘରଟିଏ ତୋଳିବାକୁ ଚାହାନ୍ତି କି ?
- ❋ ଆପଣଙ୍କ ପୁଅ ବା ଝିଅର ଶିକ୍ଷା ଶେଷ ପରେ ସ୍ୱାଧୀନ ଭାବରେ ଉପାର୍ଜନକ୍ଷମ ଯୋଜନାରେ ଅର୍ଥ ବିନିଯୋଗ କରିବାକୁ ଚାହାନ୍ତି କି ?
- ❋ ଆପଣଙ୍କ ଝିଅ ବିବାହ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବାକୁ ଚାହାନ୍ତି କି ?
- ❋ ଆପଣ ଅବସର କାଳରେ ୮୪ ମାସ ଯାଏ ମାସିକ ୧୦୦ ଟଙ୍କା ଅଥବା ୨୦୦ ଟଙ୍କା ପାଇବାକୁ ଇଚ୍ଛା କରନ୍ତି କି ?

**ତେବେ ଜାତୀୟ ସଂଚୟର ଏକ ନୂଆ ଆକର୍ଷଣୀୟ ଯୋଜନା**
**"ଜାତୀୟ ସଂଚୟ ଆନୁଇଟି ସାର୍ଟିଫିକେଟ୍"ରେ ଅର୍ଥ ବିନିଯୋଗ କରନ୍ତୁ ।**

ଯେଉଁମାନଙ୍କର ଅବସର ଗ୍ରହଣ କରିବା ପାଇଁ ଆଉ ୫ବର୍ଷ ବା ୧୨ବର୍ଷ ବାକୀ ଅଛି ବା ଯେଉଁମାନେ ଆଉ ୧୨ବର୍ଷ ପରେ ପୁଅ ଝିଅଙ୍କ ଉଚ୍ଚ ଶିକ୍ଷା ପାଇଁ କର୍ମସଂସ୍ଥାନ ବ୍ୟବସ୍ଥା ବା ବିବାହ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ଯୋଜନା । ଆପଣ ୬,୪୦୦ ଟଙ୍କା ମୂଲ୍ୟର ସାର୍ଟିଫିକେଟ କିଣିଲେ ମୋଟ୍ ୧୭,୦୪୦ ଟଙ୍କା ଅଥବା ୨୦,୨୧୦ ଟଙ୍କା ଅଥବା ୨୫,୪୪୦ ଟଙ୍କା ପାଇପାରିବେ । ଯେଉଁମାନେ ୩,୨୦୦ ଟଙ୍କା ବିନିଯୋଗ କରିବେ ଏହାର ଅର୍ଦ୍ଧେକ ପାଇ ପାରିବେ ।

(କ) ଆନୁଇଟି ସାର୍ଟିଫିକେଟରେ ୨ବର୍ଷ ମଧ୍ୟରେ ୬,୪୦୦ ଟଙ୍କା ଜମା ଦେବାକୁ ପଡ଼େ । ଜମା ଦେବା ଆରମ୍ଭ କରିବା ଦିନଠାରୁ ଠିକ୍ ୫ବର୍ଷ ପରେ ଆପଣ ୮୪ ମାସ ବା ୭ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦ ଟଙ୍କା ଲେଖାଏ ପାଇ ପାରିବେ । ଏହାପରେ ଆପଣ ମୂଳଧନ ଓ ବୋନସ ସମେତ ୮,୬୪୦ ଟଙ୍କା ଫେରି ପାଇବେ । (ଅର୍ଥାତ୍ ମୋଟ ୧୭,୦୪୦ ଟଙ୍କା ପାଇପାରିବେ ।)

(ଖ) ଯଦି ମାସକୁ ମାସ ମିଳୁଥିବା ଆନୁଇଟି ଟଙ୍କା ଖର୍ଚ୍ଚ କରିବା, ଆପଣଙ୍କର ଦରକାର ନଥାଏ, ଆପଣ ତାକୁ ପୋଷ୍ଟ ଅଫିସ ରେକରିଂ ଡିପୋଜିଟରେ ବିନିଯୋଗ କରି ଦେଇ ପାରନ୍ତି । ଏ କ୍ଷେତ୍ରରେ ଜମା ଦେବାର ୭ବର୍ଷ ପରେ ଏ ବାବଦରେ ୧୧,୫୭୦ ଟଙ୍କା ପାଇ ପାରିବେ ଅର୍ଥାତ୍ ୬,୪୦୦ ଟଙ୍କା ବିନିଯୋଗ କରି ଆପଣ ମୋଟ (ଟ ୮,୬୪୦+ଟ ୧୧,୫୭୦)=୨୦,୨୧୦ ଟଙ୍କା ପାଇପାରିବେ ।

(ଗ) ମାସକୁ ମାସ ମିଳୁଥିବା ଆନୁଇଟି ଟଙ୍କାରେ ଯଦି ୭ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ (୫ମ ପ୍ରକାଶ) କିଣି ଦେଇ ପାରନ୍ତି ତାହାହେଲେ ପରବର୍ତ୍ତୀ ୭ବର୍ଷ ଅର୍ଥାତ୍ ପ୍ରଥମ ଜମା ଦିନଠାରୁ ୧୨ବର୍ଷ ପରଠୁଁ ପ୍ରତି ମାସ ୨୦୦ ଟଙ୍କା ଲେଖାଏ ପାଇପାରିବେ । ଏହିରୂପେ ଆପଣ ୬,୪୦୦ ଟଙ୍କା ବିନିଯୋଗ କରି (୭ବର୍ଷ ପରେ ମୂଳଧନ ଓ ବୋନସ ବାବଦ ୮୬,୪୦୦ ଟଙ୍କା) ପରବର୍ତ୍ତୀ ୭ବର୍ଷ ମଧ୍ୟରେ (ଟ ୨,୦୦୦×୮୪) ୧୬,୮୦୦ ଟଙ୍କା ଏହିପରି ମୋଟ ୨୫,୪୪୦ ଟଙ୍କା ପାଇ ପାରିବେ । ଯେଉଁମାନେ ପ୍ରତ୍ୟେକବର୍ଷ ବୋନସ ବାବଦେ ମୋଟା ଆକାରରେ ଟଙ୍କା ପାଉଛନ୍ତି ସେମାନଙ୍କ ପକ୍ଷରେ ଏହା ଏକ ଉପାଦେୟ ଯୋଜନା ।

## ସଂଚୟୀ ପରିବାର—ସୁଖୀ ପରିବାର । ଛୋଟ ପରିବାର—ସୁଖୀ ପରିବାର

ବିଶଦ ବିବରଣୀ ପାଇଁ ନିକଟସ୍ଥ ଡାକଘରେ ଅନୁସନ୍ଧାନ କରନ୍ତୁ ଅଥବା ଆପଣଙ୍କ ସବ୍‌ଡିଭିଜନ ବା ଜିଲ୍ଲା ସଦର ମହକୁମାରେ ଅବସ୍ଥାପିତ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ସଞ୍ଚୟ ଅଫିସରଙ୍କ ସହିତ ପରାମର୍ଶ କରନ୍ତୁ ଅଥବା ଶ୍ରୀ ରଘବାନନ୍ଦ ପାଣିଗ୍ରାହୀ, ଡେପୁଟି ଡାଇରେକ୍ଟର, ସ୍ମଲ ସେଭିଂସ, ଅର୍ଥ ବିଭାଗ, ଭୁବନେଶ୍ୱର, ସହିତ ପତ୍ରାଳାପ କରନ୍ତୁ ।

ନିର୍ଦ୍ଦେଶକ, ସ୍ୱଳ୍ପ ସଞ୍ଚୟ ସଂଗଠନ, ଅର୍ଥ ବିଭାଗ, ଓଡ଼ିଶା ସରକାର




# ମରୁଡ଼ି ପରିସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କ ସମୀକ୍ଷା

୧୯୭୬ ଡିସେମ୍ବର ୧୭ ତାରିଖଦିନ

ଓଡ଼ିଶାର ରାଜ୍ୟପାଳ ଶ୍ରୀ ଶିବନାରାୟଣ ଶଙ୍କର ରାଜ୍ୟସରକାରଙ୍କ ପଦସ୍ଥ ଅଫିସର-ମାନଙ୍କୁ ମରୁଡ଼ି ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟଦେବା ଓ ମରୁଡ଼ି ପରିସ୍ଥିତିର ମୁକାବିଲା କରିବାପାଇଁ ସର୍ବଦା ତତ୍ପର ରହିବାର ଆବଶ୍ୟକତା ସମ୍ପର୍କରେ ପରାମର୍ଶ ଦେଇଥିଲେ ।

ରାଜ୍ୟ ସଚିବାଳୟଠାରେ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କ ସହିତ ମରୁଡ଼ି ପରିସ୍ଥିତି ସମ୍ପର୍କରେ ପର୍ଯ୍ୟାଲୋଚନା କରି ରାଜ୍ୟପାଳ କହିଲେ, "ବର୍ତ୍ତମାନ କେବଳ କଥା ନ କହି କାମ-କରିବାର ସମୟ ଆସିଛି ଖାମଖିଆଲିଭାବେ କଥାବାର୍ତ୍ତା ନ କରି ଆମକୁ କେବଳ କର୍ତ୍ତବ୍ୟ ସମ୍ପାଦନ କରିବାକୁହିଁ ପଡ଼ିବ" ।

ରାଜ୍ୟପାଳଙ୍କ ପରାମର୍ଶଦାତା ଶ୍ରୀ ଏମ୍. ରାମକୃଷ୍ଣୟା, ମୁଖ୍ୟ ଶାସନ ସଚିବ ଶ୍ରୀ ଜେ. ଏ. ଦଓ୍ବେ, ସ୍ପେଶାଲ ରିଲିଫ୍ କମିଶନର ଓ ରାଜସ୍ୱ ବୋର୍ଡ ସଦସ୍ୟ ଶ୍ରୀ କେ. ରଘୁପତି, ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀ ଏ. କେ. ମଜୁମଦାର୍ ଓ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ଏବଂ ସ୍ପେଶାଲ ରିଲିଫ୍ କମିସନର ସାମ୍ପ୍ରତିକ ମରୁଡ଼ି ପରିସ୍ଥିତି ଓ ତହିଁର ମୁକାବିଲା ପାଇଁ ଏପର୍ଯ୍ୟନ୍ତ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବହିତ କରାଇଥିଲେ ।

ଭାରତ ସରକାରଙ୍କୁ ମରୁଡ଼ି ପରିସ୍ଥିତି ଓ ମରୁଡ଼ି ସାହାଯ୍ୟ ପାଇଁ ଆବଶ୍ୟକ ସ୍ମାରକପତ୍ର ଦିଆଯାଇଛି । ଫସଲହାନି ହୋଇଥିବା ଅଞ୍ଚଳରେ କୃଷି ଶ୍ରମିକ ଓ କ୍ଷୁଦ୍ର ଚାଷୀମାନଙ୍କୁ କାମଧନ୍ଦା ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ୧୯୭୬ ଡିସେମ୍ବର ଠାରୁ ୧୯୭୭ ଜୁନ୍ ପର୍ଯ୍ୟନ୍ତ କ୍ରମବର୍ଦ୍ଧିଷ୍ଣୁ ହାରରେ ୧୯.୩୧ ଲକ୍ଷ ଲୋକଙ୍କୁ ସ୍ୱଳ୍ପସମୟପାଇଁ କାମଧନ୍ଦା ଯୋଗାଇଦେବା-ପାଇଁ ସ୍ଥିର କରାଯାଇଛି । ୧୯୭୭ ମାର୍ଚ୍ଚଠାରୁ ମଇମାସ ମଧ୍ୟରେ ସର୍ବାଧିକ ଲୋକଙ୍କୁ କାମ ଯୋଗାଇ ଦିଆଯିବ । ପ୍ରତିମାସରେ ଜଣେ ଲୋକ ହାରାହାରି ୨୫ ଦିନପାଇଁ କାମ ଆବଶ୍ୟକ କରିବ ବୋଲି ଧରାଗଲେ ୧୯୭୬ ଡିସେମ୍ବରଠାରୁ ୧୯୭୭ ମାର୍ଚ୍ଚ ମଧ୍ୟରେ ୮୩୨ ଲକ୍ଷ ଶ୍ରମଦିବସ ସୃଷ୍ଟିପାଇଁ ଶ୍ରମବହୁଳ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ପଡ଼ିବ ।

ଉପରୋକ୍ତ ଲକ୍ଷ୍ୟ ହାସଲ ପାଇଁ ନିମ୍ନଲିଖିତ ପଦକ୍ଷେପ ନେବାକୁ ଉକ୍ତ ବୈଠକରେ ସ୍ଥିର ହୋଇଛି ।

(୧) ସରକାରଙ୍କ ବିଭିନ୍ନ ଉନ୍ନୟନ ବିଭାଗ ସେମାନଙ୍କର ଯୋଜନା ବ୍ୟୟ ବରାଦ ମଧ୍ୟରୁ ଶ୍ରମବହୁଳ କାର୍ଯ୍ୟକ୍ରମ ପାଇଁ ଯଥାସମ୍ଭବ ଅର୍ଥ ବିନିଯୋଗ କରିବେ, (୨) ରାଜ୍ୟ ସରକାରଙ୍କ ଉଦ୍ୟମ ପରିପୂରକଭାବେ ତୁରନ୍ତ ଅର୍ଥ ମଞ୍ଜୁର କରିବାପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯିବ, (୩) ଯେଉଁସବୁ ସ୍ଥାନରେ ରବିଫସଲ ଉତ୍ପାଦନ ସମ୍ଭବ, ସେସବୁ ଅଞ୍ଚଳରେ ରବିଚାଷ କରାଯିବ ଏବଂ ଏଥି ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇ ଦିଆଯିବ, (୪) ଆସନ୍ତା ଗ୍ରୀଷ୍ମଋତୁରେ ପାନୀୟଜଳର ସମସ୍ୟା ଦେଖାଯିବ ବୋଲି ଆଶଙ୍କା ଏହି ଅସୁବିଧା ଦୂରକରିବା ପାଇଁ ଜରୁରୀକାଳୀନ ଭିତ୍ତିରେ ପାନୀୟ ଜଳକୂପ ରହିଛି । ଏବଂ ପ୍ରାୟ ୬୦ ହଜାର ସେଚକୂପ ଖନନ କରାଯିବ, ଖନନ କରାଯିବ (୫) ମରୁଡ଼ି ସାହାଯ୍ୟ କାର୍ଯ୍ୟପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ରଖାଯିବ, (୬) ମରୁଡ଼ି ସାହାଯ୍ୟ କାର୍ଯ୍ୟକ୍ରମକୁ ସଙ୍ଗଠିତ କରିବାପାଇଁ ଜିଲ୍ଲାସ୍ତରୀୟ ଶାସନକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପଦସ୍ଥ ଅଫିସରମାନଙ୍କୁ ପଠାଯିବ, (୭) ଖାଦ୍ୟଶସ୍ୟ ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଚୋରାରେ ମହଜୁଦ ରଖି ଅସାଧୁ ବ୍ୟବସାୟୀମାନଙ୍କ ଦର ବୃଦ୍ଧିକରିବା ଉଦ୍ୟମ ବିରୁଦ୍ଧରେ କଠୋର ବ୍ୟବସ୍ଥା ଗ୍ରହଣ କରାଯିବ ।

ରାଜ୍ୟପାଳ ଆହୁରି ମଧ୍ୟ ସ୍ଥିର କରିଛନ୍ତି ଯେ ମରୁଡ଼ି ପରିସ୍ଥିତି ଏବଂ ରିଲିଫ୍ ବ୍ୟବସ୍ଥା ସବୁବେଳେ ସମୀକ୍ଷା କରାଯିବ । ମରୁଡ଼ିଗ୍ରସ୍ତ ଲୋକମାନଙ୍କୁ ରିଲିଫ୍ ଯୋଗାଇ ଦେବା ବ୍ୟବସ୍ଥାରେ କୌଣସି ପ୍ରକାର ଅବହେଳା ଯେପରି ନ ହୁଏ ସେଥିପାଇଁ ସବୁମନ୍ତେ ପଦକ୍ଷେପ ନେବାକୁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି ।



ଧଉଳୀ ନିକଟରେ ମୌଳିକ ବିଜ୍ଞାନ କଲେଜର କର୍ମରତ ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବୀମାନଙ୍କୁ ସାଂସ୍କୃତିକ ବିଭାଗ ଶାସନ ସଚିବ ଶ୍ରୀ ଏ. ଏନ୍. ତିୱାରୀ ଉଦ୍‌ବୋଧନ ଦେଉଛନ୍ତି ।

# ଶାସନ ସଂସ୍କାର

**ଶ୍ରୀ ଦଲ୍ଲୀପରାଜ**

ଏକ ସୁସ୍ଥ ଗଣତାନ୍ତ୍ରିକ ଜୀବନ ପାଇଁ ପ୍ରାତ୍ୟହିକ ସମୟ ଉପଯୋଗୀ ଏବଂ ପ୍ରଗତିଶୀଳ ଶାସନ ବ୍ୟବସ୍ଥାର ଆବଶ୍ୟକତା ରହିଛି । ନିଜ ଦ୍ୱାରା ନିଜେ ଶାସିତ ହେବା ବ୍ୟବସ୍ଥାକୁ ଗଣତନ୍ତ୍ର ବୁଝାଯାଏ । ଶାସନ ଏବଂ ଶାସିତ ମଧ୍ୟରେ ଅଧିକ ପାର୍ଥକ୍ୟ ରହିଲେ ଯଥେଚ୍ଛାଚାର, ଶୋଷଣ ମନୋବୃତ୍ତି ଏବଂ ଶ୍ରେଣୀଗତ ଭାବ ସୃଷ୍ଟିହେବା ସ୍ୱାଭାବିକ ହେବ । ଅନ୍ୟପଟରେ ଶାସନ ବ୍ୟବସ୍ଥା ଅଧିକ ଜଟିଳ କିମ୍ବା ଢ଼ିଲା ହେଲେ ଏହା ଜନତାର ସେବା କାର୍ଯ୍ୟରେ ବ୍ୟବହୃତ ନହୋଇ, ଜନତାକୁ ନିଜ ସେବକସ୍ୱଳେ ବ୍ୟବହାର କରିବ । ତେଣୁ ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ହେଲେ ଶାସନ ପଦ୍ଧତିର ସଂସ୍କାର ସର୍ବପ୍ରଥମେ ଆବଶ୍ୟକ ।

ଆମ ଶାସନ ବ୍ୟବସ୍ଥାକୁ ଅନେକେ ଫାଇଲ ରାଜ ଏବଂ ବ୍ୟୁରୋକ୍ରେସି ବୋଲି ଆଖ୍ୟାଦେବା ଶୁଣାଯାଏ । ଅନେକ ଦକ୍ଷ ପ୍ରଶାସକ ଆମ ଦେଶରେ ଥିଲେ ବି ଶାସନ ବ୍ୟବସ୍ଥାକୁ ସମୟ ଉପଯୋଗୀ କରିବା ପାଇଁ ବହୁବିଧ ଗବେଷଣା ଏବଂ କମିଟି ଆଦି ଗଠନ କରାଯାଇ ନାନାଦି ଆଲୋଚନା କରାଯାଇଅଛି । ତଥାପି ଅତୀତରେ ବିଶେଷ କିଛି ଫଳ ହୋଇନାହିଁ । ବର୍ତ୍ତମାନ ପରିସ୍ଥିତି ଭାରାଢ଼ହେବା ପରେ ଏଥିପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା । ରାଜ୍ୟ ମୁଖ୍ୟ ସଚିବମାନଙ୍କ ସମ୍ମେଳନରେ ଏଥିପାଇଁ ବହୁ ଆଲୋଚନା ହୋଇ ୧୫ ଦଫା ସମ୍ମିଳିତ ଏକ ନୀତି ଗ୍ରହଣ କରାଯିବା ପରେ ଶାସନ କ୍ଷେତ୍ରରେ ଏକ ନୂତନ ମୋଡ଼ ଦେଖା ଦେଇଛି ।

ଶାସନ ବ୍ୟବସ୍ଥାକୁ କେତେକ ନିୟମ କାନୁନରେ ବାନ୍ଧି ନରଖି, ଅର୍ଥ-ଅର୍ଥାନ୍ତରରେ ଅଧିକ ଜଟିଳ ନକରି ଏହାକୁ ସାଧାରଣ ଜନତାର ଉପଯୋଗୀ ଏବଂ ବୋଧଗମ୍ୟ କରିବା ପାଇଁ ସହଜ, ସରଳ ଏବଂ ପ୍ରାତ୍ୟହିକ କରିବା ଆବଶ୍ୟକ । ଅନେକ ସମୟରେ ଏକ ନିର୍ଦ୍ଦିଷ୍ଟ ଆଇନ ଗୋଟିଏ ବିଶେଷ କ୍ଷେତ୍ରରେ ବ୍ୟବହୃତ ହୋଇଥିବା ସ୍ଥଳେ ତା'ଠାରୁ ସାମାନ୍ୟ ମାତ୍ର ପାର୍ଥକ୍ୟ ଥାଇ ଅନ୍ୟ ଏକ ସମସ୍ୟା କ୍ଷେତ୍ରରେ ତାକୁ ବ୍ୟବହାର କରିବା ସମ୍ଭବ ହୋଇ ପାରେନାହିଁ । ତେଣୁ ଆଇନ ଗୁଡ଼ିକ ସରଳ ଏବଂ ସିଦ୍ଧାନ୍ତ ନିରୂପକର ରୂପ ନେବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ତାହାର ବିନିଯୋଗ ସମ୍ଭବ ହୋଇପାରିବ ।

ପ୍ରତ୍ୟେକ ବିଷୟ ବିଭାଗୀୟ ଶାସନ ବ୍ୟବସ୍ଥାର ଫାଇଲ ଗୁଡ଼ିକ ପାହାଚ ପାହାଚ ହୋଇ ଚଢ଼େ । ଏହି ପଦ୍ଧତିରେ ବିଳମ୍ବ ହେବା ସ୍ୱାଭାବିକ । ଯଥେଚ୍ଛାଧିକାରରୁ ସର୍ବୋଚ୍ଚଙ୍କର ସ୍ୱୀକୃତି ପାଇଁ ଅପେକ୍ଷା କରାଯାଏ । ଏହି ଆବଶ୍ୟକତାକୁ ଏଡ଼ାଇ ଶାସନ ବ୍ୟବସ୍ଥାକୁ ଦ୍ରୁତରେ ରଖିବା ପାଇଁ ଏକ ସ୍ଥିର ଓ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣର ଆବଶ୍ୟକ ବଣ୍ଟନ ଦିଆଯାଇ ନପାରେ । ତେବେ ବିଭିନ୍ନ ପଦସ୍ଥ ଅଫିସରମାନଙ୍କୁ ସିଦ୍ଧାନ୍ତ ନିରୂପଣ କ୍ଷମତାର ଦ୍ୱାରା ଉଚ୍ଚପଦସ୍ଥ ଅଫିସରମାନଙ୍କ ଟେବୁଲରେ ଫାଇଲ ଥାକ ଅନେକାଂଶରେ କମିଯାଇ ପାରିବ ।

ଶାସନ ବ୍ୟବସ୍ଥାକୁ ଅଧିକ ଲୋକପ୍ରିୟ ଏବଂ ଜନସେବୀ କରିବା ପାଇଁ ଓଡ଼ିଶାରେ ବିଭାଗୀୟ ସଚିବ ଏବଂ ମୁଖ୍ୟମାନଙ୍କୁ ଜନସାଧାରଣଙ୍କ ସହିତ ଏବଂ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହିତ ସାକ୍ଷାତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ବିଭିନ୍ନ ବିଭାଗ ଦପ୍ତରମାନଙ୍କରେ ପ୍ରତ୍ୟେକ ବୁଧବାର ଦିନଟି

ସ୍ଥିର କରାଯାଇଛି । ଏହା ପୂର୍ବରୁ ସର୍ବସାଧାରଣଙ୍କ ପାଇଁ ସରକାରୀ ଅଫିସରମାନଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ଦିଆଯାଉନଥିଲା । ବର୍ତ୍ତମାନ ଏହି ନୂତନ ପଦକ୍ଷେପ ଫଳରେ ସରକାରୀ ଘୋଷିତ ଆଶ୍ୱାସନା ଏବଂ ପ୍ରାତ୍ୟହିକ କାର୍ଯ୍ୟକ୍ଷେତ୍ରରେ ରହୁଥିବା ତାରତମ୍ୟର ଅବସାନ ହେବବୋଲି ଆଶା କରାଯାଉଛି । ସରକାରୀ ଅଫିସରମାନେ ଉଚ୍ଚ ଶିକ୍ଷିତ ଏବଂ ଦକ୍ଷ ଭାବେ ନିଜକୁ ବିବେଚିତ କରି ଏକ ଦମ୍ଭ ଅଭିମାନ ଏବଂ ଆଭିଜାତ୍ୟର ମୁଖା ମଧ୍ୟରେ ଶୁକ୍ଳବର୍ଣ୍ଣ ନାରାୟଣ ରୂପନେଇ ଲୋକ ଉପାସିଆ ଜନତା ଠାରୁ ଦୂରରେ ରହିବା ଦ୍ୱାରା ଯେଉଁ ଏକ ଅନ୍ତସାରଃଶୂନ୍ୟ ସାହେବୀ ହବଭାବର ପରିବେଶ ସୃଷ୍ଟି ହୋଇଥିଲା ତାହା ବୋଧହୁଏ ଦୂରହେବା ସମ୍ଭବପର ହେବ ।

ଉଚ୍ଚ ପଦସ୍ଥ କର୍ମଚାରୀମାନେ ପ୍ରାତ୍ୟହିକ କାର୍ଯ୍ୟ ବିଷୟରେ ଅବଗତ ହେବା ପାଇଁ ଏବଂ ଲୋକଙ୍କର ସମସ୍ୟା ଏବଂ ଆବଶ୍ୟକତାକୁ ଉପଲବ୍ଧି କରିବା ପାଇଁ ଗ୍ରାମାଞ୍ଚଳକୁ ଯିବା ସଙ୍ଗେ ସଙ୍ଗେ ଅବଶ୍ୟକସ୍ଥଳେ ସେଠାରେ ତତ୍କାଳିକ ସମସ୍ୟାମାନ ସମାଧାନ କରିବା ଉଚିତ ବୋଲି ଚିଫ ସେକ୍ରେଟେରୀ ସମ୍ମେଳନରେ ପ୍ରକାଶପାଇଥିବା ଅତି ଆନନ୍ଦର ବିଷୟ । ଚିଫ ସେକ୍ରେଟେରୀ ଏବଂ ବିଭାଗୀୟ ମୁଖ୍ୟଙ୍କ ବ୍ୟତୀତ ପ୍ରତ୍ୟେକ ଜିଲ୍ଲା, ବ୍ଲକ ଏବଂ ଗ୍ରାମମାନଙ୍କରେ ନିର୍ଦ୍ଦିଷ୍ଟ ଦିନରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ସ୍ଥିର କରାଯାଇଛି । ଜିଲ୍ଲା ସ୍ତରୀୟ ଅଭିଯୋଗ ପ୍ରକୋଷ୍ଠ ଶାସନ ବ୍ୟବସ୍ଥାରୁ ଅଲଗା ରହି କୌଣସି ସ୍ଥାନୀୟ ମନ୍ତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯିବା ଦ୍ୱାରା ସେ ଅଧିକ ସହଜ ଉପାୟରେ ସମସ୍ୟାମାନଙ୍କର ସମାଧାନ କରି ପାରିବେ ବୋଲି କେତେକ କ୍ଷେତ୍ରରୁ ମତ ପ୍ରକାଶ ପାଇଛି ।

ପ୍ରତ୍ୟେକ ବିଭାଗରେ ଏକ କମିଟି ଗଢ଼ାଯାଇ, ଶାସନ ବ୍ୟବସ୍ଥାର ବିଭିନ୍ନ ସ୍ତରରେ ହେଉଥିବା ଜଟିଳତା ଏବଂ ଭୁଲଭଟକା ଆଦିକୁ ପର୍ଯ୍ୟାଲୋଚନା କରିବା ପାଇଁ କେନ୍ଦ୍ରୀୟ ପ୍ରଶାସନ ଉପଦେଷ୍ଟା କମିଟି ପରାମର୍ଶ ଦେଇଥିବା ଉଲ୍ଲେଖଯୋଗ୍ୟ । ସରକାରୀ କର୍ମଚାରୀମାନଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ଉଚ୍ଚ ସ୍ତରୀୟ କ୍ଷମତା ପ୍ରାପ୍ତ କମିଟି ଗଠନ କରିବା ଦିଗରେ ଚିନ୍ତା କରାଯାଉଥିବା ମଧ୍ୟ ସ୍ୱାଗତ ଯୋଗ୍ୟ । ଏହି କମିଟି ପ୍ରଶାସନୀୟ ବିଚାରକ ଭାବେ କାର୍ଯ୍ୟ କରିବେ । ଯେଉଁ ପ୍ରଶାସକମାନେ ନିଜ କାର୍ଯ୍ୟରେ ଅବହେଳା କରି କିମ୍ବା ସରକାରୀ ଅର୍ଥ ଆତ୍ମସାତ୍, କଳାବଜାର, ପ୍ରୀତ୍ୟାପ୍ରୀତି ତୋଷଣ ଆଦିରେ ଜଡ଼ିତ ଥିବେ ସେମାନଙ୍କୁ ବାଧ୍ୟତା ମୂଳକ ଭାବେ ଅବସର ଦେବା ବାଞ୍ଛନୀୟ ; କିନ୍ତୁ ଏହା ସହିତ ଏହାର ଅପିଲ ସହାନୁଭୂତି ସହକାରେ ପୁନର ବିଚାର ପାଇଁ ଏକ ଉଚ୍ଚ ସ୍ତରୀୟ ବିଭାଗୀୟ କମିଟିକୁ କ୍ଷମତା ଦେବା ଆବଶ୍ୟକ ।

କେତେକ ପ୍ରଦେଶରେ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ପାଇଁ ସରକାରୀ ଫାଇଲମାନଙ୍କରେ ନାଲି ଫିତା ବଦଳରେ ସବୁଜ ଫିତା ବ୍ୟବହାର କରାଯାଉଛି । ସରକାରୀ କାର୍ଯ୍ୟ ପାଇଁ ସର୍ବପ୍ରଥମେ ଆଗ୍ରହ ଦୃଷ୍ଟି ଜନ୍ମାଇବା ଦ୍ୱାରା କାର୍ଯ୍ୟ ଅଧିକ ତତ୍ପରତାସହ କରାଯାଇ ପାରିବ, ଫଳରେ ସରକାରୀ କର୍ମଚାରୀମାନେ ଯନ୍ତ୍ରବତ୍ ମସ୍ତିଷ୍କହୀନ ବ୍ୟକ୍ତିଭଳି କାର୍ଯ୍ୟରେ ବ୍ୟାପୃତ ନରହି ଏକ ନୂତନ ଚେତନା ଏବଂ ଉଦ୍ଦୀପନା ନେଇ କାର୍ଯ୍ୟ କରିବେ । ଶାସନ ବ୍ୟବସ୍ଥାର ଆବଶ୍ୟକ ସଂସ୍କାର ଦ୍ୱାରା ପ୍ରଧାନ ମନ୍ତ୍ରୀଙ୍କ ୨୫ ଦଫା କାର୍ଯ୍ୟକ୍ରମର ରୂପାୟନ ଯଥାର୍ଥ ସମ୍ଭବ ହୋଇ ପାରିବ ।



# ବୃକ୍ଷ ରୋପଣ ଏକ ଯଜ୍ଞ

ଶ୍ରୀ ଯୋଗେଶ କୁମାର ସାହୁ

ଗୀତା କହେ—"ଅନ୍ନାଦ୍‌ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନ ସମ୍ଭବଃ ।
ଯଜ୍ଞାଦ୍‌ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମ-ସମୁଦ୍ଭବଃ ॥

କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି ବ୍ରହ୍ମାକ୍ଷର ସମୁଦ୍ଭବମ୍ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।"

(୩ୟ ଅଧ୍ୟାୟ, କର୍ମଯୋଗ, ୧୪-୧୫ ଶ୍ଳୋକ)

ଅନ୍ନ (ସମସ୍ତ ପ୍ରକାର ଖାଦ୍ୟ ଅର୍ଥରେ) ଯୋଗୁଁ ଭୂତମାନେ (ପଞ୍ଚଭୂତକୁ ନେଇ ଗଠିତ ଶରୀର ଅର୍ଥରେ) ତିଷ୍ଠି ରହନ୍ତି । ବର୍ଷା ଯୋଗୁଁ ଅନ୍ନ ସମ୍ଭବ ହୁଏ । ଯଜ୍ଞଦ୍ୱାରା ବର୍ଷା ହୁଏ । କର୍ମ ଜନିତ ଯଜ୍ଞ ହୁଏ । ବେଦରୁ କର୍ମର ଉତ୍ପତ୍ତି । ପରମବ୍ରହ୍ମଙ୍କଠାରୁ ବେଦର ସୃଷ୍ଟି । ଏହି ପରମବ୍ରହ୍ମ ଯଜ୍ଞରେ ପ୍ରତିଷ୍ଠିତ ରହିଛନ୍ତି । ସୁତରାଂ ଏହାଙ୍କ ପ୍ରାପ୍ତି ଲାଗି ଯଜ୍ଞ କରିବା ଉଚିତ୍ । ପୁଣି ଯଜ୍ଞ ହେଉଛି ପାଞ୍ଚ ପ୍ରକାରର ; ଋଷି ଯଜ୍ଞ, ଭୂତ ଯଜ୍ଞ, ଦେବ ଯଜ୍ଞ, ପିତୃ ଯଜ୍ଞ ଓ ନର ଯଜ୍ଞ । ଏଠାରେ ଯେଉଁ ଯଜ୍ଞ କଥା କୁହାଯାଇଛି, ତାହା ଦେବ ଯଜ୍ଞ । ମୋଟାମୋଟି କଥା ହେଲା, ଶରୀର ଧାରଣଲାଗି ଦେବ ଯଜ୍ଞ ନିତାନ୍ତ ପ୍ରୟୋଜନ ।

କିନ୍ତୁ, ଦେବତା କେଉଁଠି ଥାନ୍ତି ? ପ୍ରଶ୍ନଟି ଯେତେଦୂର ଜଟିଳ ମନେହୁଏ, ପ୍ରକୃତରେ ତାହା ନୁହେଁ । ଦେବତାମାନେ ଆମ୍ଭମାନଙ୍କର ଅତି ନିକଟରେ ରହୁଅଛନ୍ତି । ଅଥର୍ବ ବେଦରେ ଅଶ୍ୱତ୍ଥ ବୃକ୍ଷକୁ 'ଦେବ ସଦନ' ବୋଲି ଆଖ୍ୟାୟିତ କରାଯାଇଛି । ଭଗବତ୍ ଗୀତାରେ ସମଗ୍ର ସଂସାରକୁ ଏକ ଅବ୍ୟୟ ଅଶ୍ୱତ୍ଥ ବୃକ୍ଷ ବୋଲି ଅଭିହିତ କରାଯାଇଛି । "ଅଶ୍ୱତ୍ଥ ପ୍ରାହୁର ବ୍ୟୟଂ ।" ଶ୍ରୀମଦ୍ ଭଗବତ୍‌ରେ ଆଦିମୂଳ ପରମାତ୍ମା "ଆଦିବୃକ୍ଷ" ନାମରେ କଥିତ । ସିଦ୍ଧାଚାର୍ଯ୍ୟ ଲୁଇପାଦ ମନୁଷ୍ୟ ଶରୀରକୁ ପଞ୍ଚଶାଖା ବିଶିଷ୍ଟ ତରୁବର ବୋଲି ବର୍ଣ୍ଣନା କରିଛନ୍ତି । "କାଆ ତରୁବର ପଞ୍ଚ ବିଡାଲ ।" ସିଦ୍ଧାଚାର୍ଯ୍ୟ କାହ୍ନୁପାଦ ମନୁଷ୍ୟର ମନକୁ ପଞ୍ଚଶାଖା ବିଶିଷ୍ଟ ବୃକ୍ଷ ବିଶେଷ ବୋଲି ବୁଝାଇଛନ୍ତି । "ମଣ ତରୁ ପଞ୍ଚ ଇନ୍ଦି ତସୁ ସାହା ।" ବ୍ରହ୍ମ ପୁରାଣ (୫୬ ଅଧ୍ୟାୟ ୧୨ ଶ୍ଳୋକ) ରେ ବଟବୃକ୍ଷକୁ ପୁରୁଷୋତ୍ତମ ବୋଲି ଉଲ୍ଲେଖ ଅଛି । "ପୁରୁଷେଣମିତ ଖ୍ୟାତଂ ବଟସ୍ୱରାଜଂ ସନାତନମ୍ ।" ଶାରଳା ମହାଭାରତରେ ବୃକ୍ଷ ବ୍ରହ୍ମରୂପେ ବର୍ଣ୍ଣିତ । "ଦାରୁବ୍ରହ୍ମ ମୁରତି ମୁଁ ଦେଖିଲି ବୋଲିବ ।" ସନ୍ଥ ତୁଳସୀ ଶ୍ରୀରାମଙ୍କୁ 'ସଂସାର ବୃକ୍ଷ' କହି ପ୍ରଣତ ଜଣାଇଛନ୍ତି । "ସଂସାରବୃକ୍ଷ ନମାମହେ ।" ବୃକ୍ଷମାନଙ୍କରେ ଅମୃତ ଥାଏ ବୋଲି ଉପନିଷଦରେ କଥିତ ଅଛି । ଚୈତନ୍ୟ ଦେବ "ତରୋରିବ ସହିଷ୍ଣୁନା ।" ବୃକ୍ଷଙ୍କପରି ସହିଷ୍ଣୁ ଧର୍ମ ପାଳନଲାଗି ନିର୍ଦ୍ଦେଶ ଦେଇଛନ୍ତି । ଜଗନ୍ନାଥଙ୍କୁ 'ଦାରୁବ୍ରହ୍ମ' ରୂପେ ଅଭିହିତ କରାଯାଇଛି । ସ୍କନ୍ଦ ପୁରାଣ (୧୫ ଅଧ୍ୟାୟ ୨୩ ଶ୍ଳୋକ)ରେ 'ନ୍ୟଗ୍ରୋଧ' ବା ବଟବୃକ୍ଷକୁ ନାରାୟଣ ବୋଲି ଉଲ୍ଲେଖ ଅଛି । ବୌଦ୍ଧ ଧର୍ମରେ 'ବୋଧିଦ୍ରୁମ'ର ପ୍ରାଧାନ୍ୟ ରହିଛି । ଜୈନଙ୍କ ଧାର୍ମିକ ତତ୍ତ୍ୱ ହେଉଛି, 'କଳ୍ପବୃକ୍ଷ' । ବିଷ୍ଣୁ ସହସ୍ରନାମରେ ବିଷ୍ଣୁଙ୍କ ନାମାନ୍ତର ରୂପେ 'ଅଶ୍ୱତ୍ଥ ବୃକ୍ଷ'କୁ ନିଆଯାଇଛି । ଏହି ସମସ୍ତ ଦୃଷ୍ଟିରୁ ବୃକ୍ଷକୁ ପୂଜା କରିବାର ବିଧି ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଅଛି । ଆଦିମ ଯୁଗର ପ୍ରଟୋ-ଅଷ୍ଟ୍ରେଲଏଡ୍‌ମାନେ ଉପାସ୍ୟ ଦେବତା ରୂପେ ଅଶ୍ୱତ୍ଥ ବା ପିପ୍ପଳ ବୃକ୍ଷକୁ ପୂଜା କରୁଥିଲେ ।

ସମ୍ପ୍ରତି ଆମ ସମାଜରେ ହେଉଛି କ'ଣ ? ବୃକ୍ଷଟିଏ ରୋପଣ ପରିବର୍ତ୍ତେ ଛେଦନ କରିବା ନିତ୍ୟ ନୈମିତ୍ତିକ କର୍ମ ହୋଇଛି । ପିତୃ ପୁରୁଷମାନେ ବୃକ୍ଷ ରୋପଣ କରି ପୁଣ୍ୟ ଅର୍ଜୁଥିଲେ । ଆଜି ଆମେ ବୃକ୍ଷ ଛେଦନ କରି ପାପ ଅର୍ଜିବାରେ ପ୍ରବୃତ୍ତ ହେଉଛେ । କାରଣ ଆଜି ଆମେ ନିଜକୁ ଆଧୁନିକ ବୋଲାଉଛେ । ଆଧୁନିକ କହିଲେ, ଆମେ କେତେକ ଅପାଦେୟ କାର୍ଯ୍ୟକୁ କର୍ତ୍ତବ୍ୟ ବୋଲି ବୁଝୁଛେ । ବାଡ଼ି-ବଗିଚା ଟାଙ୍ଗର ପକାଇ ଖେଳପଡ଼ିଆ କରିବା ।

ଯେଉଁଠାରେ ଫୁଲଟିଏ ଫୁଟିଛି, ତାକୁ ଛିଣ୍ଡାଇ ନିଜ ସୌଖୀନରେ ଲଗାଇବା । ଅଯଥା ଗଛରୁ ପତ୍ରଗୁଡ଼ିଏ ଛିଣ୍ଡାଇବା । ବଣ-ଜଙ୍ଗଲ କାଟି ଆପଣାର ଚଷଭୂଇଁ କରିବା । ଅନ୍ୟପକ୍ଷେ ପ୍ଲାଷ୍ଟିକ୍‌ର ଫୁଲ ବା ବୃକ୍ଷଲତା ତିଆରିକରି ଉପରେ ସଉକ ବଢ଼ାଇବା । ଏ ହେଉଛି ଆଧୁନିକତା'ର ଅନ୍ୟତମ କୁଲକ୍ଷଣ । କିନ୍ତୁ ଏହା କଦାପି ବୌଦ୍ଧିକତା ନୁହେଁ । ତେବେ ଏ ବୁଦ୍ଧିବାଦୀ ଯୁଗରେ ବୌଦ୍ଧିକତା ବିନା ଆଧୁନିକ ହେବା ସମ୍ଭବ କିପରି ? ପ୍ରକୃତରେ ଜର୍ମାନୀ ସେଥିପାଇଁ ଏକ ଉନ୍ନତ ସଭ୍ୟ ଦେଶ । ଏହି ଜର୍ମାନୀର ବିଶିଷ୍ଟ ଅତ୍ୟାଧୁନିକ ମ୍ୟୁନିକ୍ ସହରରେ ନଭଶ୍ଚୁମ୍ବୀ ପ୍ରାସାଦ ଓ ସବୁଜ ଜଙ୍ଗଲର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ସୁବର୍ଟ୍ ଥରେ ଏକ ନଡ଼ିଆ ଗଛକୁ ବାଧା ନଦେବା ଉଦ୍ଦେଶ୍ୟରେ ଏକ ସତର ମହଲା ବିଶିଷ୍ଟ ଅଟ୍ଟାଳିକାର ପ୍ରତି ଛାତରେ ଛିଦ୍ର ହୋଇଛି । ଅଟ୍ଟାଳିକା ଓ ଗଛ ଉଭୟେ ଉର୍ଦ୍ଧ୍ୱେ ଉଠିଛନ୍ତି, ଏହି ଗୋଟିଏ ଦୃଷ୍ଟାନ୍ତରୁ ଆମେ ସେଠିକାର ଆଧୁନିକ ମନୋଭାବ ଉପରେ ଅନ୍ତତଃ ଧାରଣା ପାଇ ପାରିବା ।

ପୃଥିବୀର 'ଭୂ' ଭାଗର ୩୦ ଭାଗ ବଣ ଜଙ୍ଗଲରେ ପରିପୂର୍ଣ୍ଣ । ଭାରତରେ ସମସ୍ତ ଜମିର ୧୭% ଜଙ୍ଗଲ ରହିଛି । ଜାତୀୟ ସ୍ତରରେ ଗୃହୀତ ଅରଣ୍ୟନୀତି ଅନୁଯାୟୀ ଏହି ଅନୁପାତ ୧୬% କମ ହେଉଛି । କିନ୍ତୁ ଓଡ଼ିଶାରେ ଏହି ହାର ୧୦% ଅଧିକ ରହିଛି । ଓଡ଼ିଶାର ଆୟତନ ୬୦,୧୭୬ ବର୍ଗମାଇଲ ମଧ୍ୟରୁ ପ୍ରାୟ ୨୫ ହଜାର ବର୍ଗମାଇଲ ଜଙ୍ଗଲ ପୂର୍ଣ୍ଣ । ଏହି ବିପୁଳ ବନ୍ୟ ସଂପଦ ହେଉଛି ଓଡ଼ିଶାର ଗୌରବ । ବୈଜ୍ଞାନିକ ଦୃଷ୍ଟିରୁ ମଧ୍ୟ ଏ ସବୁର ଉପଯୋଗୀତା ଯଥେଷ୍ଟ ରହିଛି । ଜଙ୍ଗଲ ଥିବା ହେତୁ ବର୍ଷା ସମ୍ଭବ ହୁଏ । ଆଜିକାଲି ଋତୁଚକ୍ରରେ ବିଭ୍ରାଟ ଓ ବର୍ଷା ହେବାରେ ସଂକଟ ଦେଖାଦେବାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଜଙ୍ଗଲର ଅଭାବ । ସୁତରାଂ ଓଡ଼ିଶା ପରି କୃଷି ନିର୍ଭରଶୀଳ ରାଜ୍ୟରେ ବର୍ଷାପାଇଁ ଜଙ୍ଗଲ ରକ୍ଷାର ନିତାନ୍ତ ଆବଶ୍ୟକତା ରହିଛି । ପୁଣି ଓଡ଼ିଶା ଏକ ବନ୍ୟାଗ୍ରସ୍ତ ରାଜ୍ୟ । ଜଙ୍ଗଲ ଯୋଗୁଁ ବନ୍ୟା ନିୟନ୍ତ୍ରଣ ହେଉଥିବା ଯୋଗୁଁ ମଧ୍ୟ ତାହା ଉପକାରୀ । ବନ୍ୟଜାତ ଦ୍ରବ୍ୟ ଯଥା :--କାଠ, ବାଉଁଶ, ଚମଡ଼ା, ଶିଙ୍ଗ, ଲାଖ, ଟସର, ଚୂଣ, ଔଷଧ, ଧୂଆଁପତ୍ର, ମହୁ ପ୍ରଭୃତି ଦ୍ୱାରା ପ୍ରଚୁର ଅର୍ଥ ଆୟ କରିହେବ । ଓଡ଼ିଶା ଏକ ଅନୁନ୍ନତ ରାଜ୍ୟ ଥିବାରୁ ଜଙ୍ଗଲ ସଂପଦ ମଧ୍ୟ ଦରକାର । ପୁଣି ଏବେ ଆମେରିକା, ଜାପାନ, ଫ୍ରାନ୍ସ ପ୍ରଭୃତି କେତେକ ଶିଳ୍ପ ବହୁଳ ରାଷ୍ଟ୍ରରେ ଏକ ନୂତନ ସମସ୍ୟା ଦେଖା ଦେଇଛି । ତାହାହେଉଛି, ମୁକ୍ତ ବାୟୁର ଘୋର ଅଭାବ । ପ୍ରାଣୀ ଜଗତ ବଞ୍ଚିବାଲାଗି ମୁକ୍ତ ବାୟୁର ଆବଶ୍ୟକତା ସର୍ବ ପ୍ରଥମ । ଏହାର ଯେଉଁ ଅଭାବ ପରିଲକ୍ଷିତ ହେଲାଣି ଭବିଷ୍ୟତରେ ଏହି ବିଶ୍ୱକୁ ବ୍ୟାପିବାର ଭୟ ରହିଛି । ଯାହା ବୈଜ୍ଞାନିକମାନଙ୍କ ନିକଟରେ ଏହା ଏକ ଗୁରୁତର ସମସ୍ୟା ହୋଇଛି । ଏହି ସମସ୍ୟାରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି ବୃକ୍ଷ ରୋପଣ ଓ ଜଙ୍ଗଲ ସଂପଦର ସୁରକ୍ଷା କରିବା । କାରଣ ବୃକ୍ଷଦ୍ୱାରା ଦୂଷିତ ବାୟୁ ଅଙ୍ଗାରକାମ୍ଳ ଶୋଧିତ ହୋଇ ବିଶୁଦ୍ଧ ଅମ୍ଳଜାନରେ ପରିଣତ ହୁଏ । ତେଣୁ ଏହି ସମସ୍ୟାର ନିରାକରଣ ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ବିଶେଷକରି ଆମେରିକାରେ ମୁକ୍ତବାୟୁ ଦିବସ ( Free air day ) କେତେକ ସ୍ଥାନରେ ପାଳନ କରାଯାଉଛି । ସେଦିନ ସମସ୍ତ କଳକାରଖାନା ସହିତ ସମସ୍ତ ପ୍ରକାର ଯାନ ଚାଳନା ସଂପୂର୍ଣ୍ଣ ବନ୍ଦ ରଖାଯିବା ସଙ୍ଗେ ସଙ୍ଗେ ବୃକ୍ଷରୋପଣ ପ୍ରଭୃତି କେତେକ ଆବଶ୍ୟକୀୟ ଉଦ୍ୟମ କରାଯାଉଛି । ଏପରିସ୍ଥଳେ ଆମେ ବଣ-ଜଙ୍ଗଲ ଏବଂ ବୃକ୍ଷ-ଲତାକୁ ନଷ୍ଟକରି ଅକ୍ଷମଣୀୟ ଅପରାଧ କରୁନାହୁଁ କି ? ଅଧୁନା ଏହି ପରିପ୍ରେକ୍ଷିରେ ଚାଲିଥିବା କେତେକ ସନ୍ତୋଷଜନକ ଉଦ୍ୟମର ଏଠାରେ ଅବତାରଣା କରିବା ପ୍ରାସଙ୍ଗିକ ମନେହୁଏ । ସରକାରଙ୍କର ମୁଖ୍ୟତଃ ତିନୋଟି ବିଭାଗଦ୍ୱାରା ବୃକ୍ଷ ରୋପଣ କରାଯାଇଥାଏ । ତାହା ହେଉଛି (୧) ଉଦ୍‌ଭିଦ ସଂରକ୍ଷଣ ବିଭାଗ (Horticulture), (୨) ମୃତ୍ତିକା ସଂରକ୍ଷଣ ବିଭାଗ ଓ (୩) ଜଙ୍ଗଲ ବିଭାଗ । ହର୍ଟିକଲଚର ବିଭାଗ ଦ୍ୱାରା ୧୯୭୬ ଜୁଲାଇ ସୁଦ୍ଧା ୭,୩୪୬ ଏକର ଜମିରେ ବହୁବିଧ ପ୍ରକାର ବୃକ୍ଷରୋପଣ କରାଯାଇଅଛି । ଏହି ସମସ୍ତ ମଧ୍ୟରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୨୧୧,୧୦୦ ବୃକ୍ଷରୁ ଅଧିକ ରୋପଣ କାର୍ଯ୍ୟ ହୋଇଛି । ତଦନୁରୂପ ଜଙ୍ଗଲ ବିଭାଗ ଦ୍ୱାରା ୧୯୭୫-୭୬ ସୁଦ୍ଧା ୭,୬୧୦୮ ହେକ୍‌ଟର ଜମିରେ ବୃକ୍ଷ ରୋପିତ ହୋଇଥିବା ସ୍ଥଳେ ୧୯୭୬-୭୭ ଜୁଲାଇ ସୁଦ୍ଧା ୩,୪୨୫୫ ହେକ୍‌ଟର ଜମିରେ ଏହା କାର୍ଯ୍ୟକାରୀ ହୋଇଛି । ଏତଦ୍‌ବ୍ୟତୀତ ବେସରକାରୀ ଭାବରେ ମଧ୍ୟ ଏ ଦିଗରେ ଉଦ୍ୟମ ହେଉଛି । ବିଶେଷକରି ସ୍କୁଲ କଲେଜର ଛାତ୍ରମାନଙ୍କୁନେଇ ଗଠନ ହୋଇଥିବା ଜାତୀୟ ସେବା ସଂସ୍ଥା ସହାୟତାରେ ଗତ ଗ୍ରୀଷ୍ମ ଅବକାଶ ସୁଦ୍ଧା ୪୦ ଏକରରୁ ଉର୍ଦ୍ଧ୍ୱ ଜମିରେ ବୃକ୍ଷ ରୋପଣ କରିବା ସମ୍ଭବ ହୋଇଛି ।

ସଂପ୍ରତି ବୃକ୍ଷ ରୋପଣ ଏକ ଜାତୀୟ ଡାକରା ହୋଇଥିଲେହେଁ, ଏହା ମଧ୍ୟ ଏକ ବ୍ୟକ୍ତିଗତ ଆବଶ୍ୟକତା । ପ୍ରତ୍ୟେକ ବ୍ୟକ୍ତି ଏହି ଆବଶ୍ୟକତାକୁ ହୃଦୟଙ୍ଗମ କରିବା ଉଚିତ । ଏହାଦ୍ୱାରା ଏକ ମହାନ କର୍ମ ସଂପନ୍ନ ହେବ । ଏହି କର୍ମହିଁ ଯଜ୍ଞ । "ଯଜ୍ଞଃ କର୍ମ-ସମୁଦ୍ଭବଃ" ( ଗୀତା ) । କାରଣ କର୍ମକୁ ମଧ୍ୟ ଯଜ୍ଞ କହନ୍ତି । " ଯଜ୍ଞୋ ବୈ କର୍ମ " ( ଶତପଥ ) ୧ । ୧ । ୨ । ୧୭ । ସୁତରାଂ ଏତାଦୃଶ ଯଜ୍ଞ ସମ୍ପାଦନ ପୂର୍ବକ ପ୍ରତ୍ୟେକ ବ୍ୟକ୍ତି ଦେଶ ଓ ଦେଶର ହିତ ସାଧନ କରିବା

ହେବ । ଯଜୁର୍ବେଦ ( ୧୮ । ୧୫ ) ର ନିମ୍ନୋକ୍ତ ଶ୍ଳୋକଟିରୁ ଏହା ସ୍ପଷ୍ଟ ହେବ । "କର୍ମ ଚମେ ଶକ୍ତିଶ୍ଚ ମେ ...... ଯଜ୍ଞେନ କଳ୍ପନ୍ତାମ୍ ।" ଅର୍ଥାତ୍ ମୋର କର୍ମ ଏବଂ ମୋର ବାକ୍ତି ( ଶକ୍ତି ପୂର୍ଣ୍ଣ ସ୍ୱରୂପାବ ) ଯଜ୍ଞ ଦ୍ୱାରା ସମୁନ୍ନତ ହେଉ ।

ସୁଖର କଥା ସଞ୍ଜୟ ଗାନ୍ଧୀଙ୍କ ପଞ୍ଚଦଫା କାର୍ଯ୍ୟକ୍ରମ ଭିତରେ ଏହି ବୃକ୍ଷ ରୋପଣ ବ୍ୟାପାରକୁ ଏକ ଆନ୍ଦୋଳନ ରୂପେ ଗ୍ରହଣ କରି ପ୍ରତିଟି ରାଜ୍ୟ ତାହା କାର୍ଯ୍ୟକାରୀ କରିବା ଦିଗରେ ଆଗେଇ ଚାଲିଛନ୍ତି ଏବଂ ଓଡ଼ିଶାରେ ମଧ୍ୟ ଏହି ବୃକ୍ଷ ରୋପଣ ଆନ୍ଦୋଳନ ସରକାରୀ ଓ ସାମାଜିକ ସ୍ତରରେ ଖୁବ ଅଗ୍ରସର ହୋଇ ଚାଲିଅଛି । ନିଶ୍ଚୟ ଏହା ଏକ ଶୁଭ ସୂଚନା ।

ଗ୍ରାମ ଓ ଡାକ-ପିଢୋ, ପିନ୍-୭୫୨୦୨୭
ଜିଲ୍ଲା ପୁରୀ



# ଉତ୍ସବ ଅବସରରେ ଟେଲିରାଡର ଆନ୍ତରିକ ଶୁଭେଚ୍ଛା

## ଟେଲିରାଡ - ଭାରତରେ ଅତି ଉଚ୍ଚଶ୍ରେଣୀୟ ବିଭିନ୍ନ ପ୍ରକାର ରେଡିଓ ନିର୍ମାତା

**ଆର୍‌ପି ୧୦୨**

ମିଡ଼ିୟମ ୱେଭ, ପକେଟ ଟ୍ରାନଜିଷ୍ଟର, ସୁସ୍ୱରୀ।
୬ ଭୋଲଟ୍ ବ୍ୟାଟେରୀରେ ଚାଳେ — ଟ. ୮୫




**ଆର୍‌ପି ୨୧୩**

ସୁନ୍ଦର ରୂପ ସଜ୍ଜା, ୨-ବ୍ୟାଣ୍ଡ ପୋର୍ଟେବଲ-ଧାତୁର ସୁନ୍ଦର ଗ୍ରୀଲ ସହିତ। ମିଡ଼ିୟମ ୱେଭ ଛଡ଼ା ସର୍ଟୱେଭରେ ୧୬ ମିଟରରୁ ୬୦ ମିଟର ମଧ୍ୟରେ ସବୁ କେନ୍ଦ୍ର ସଫଳଭାବେ ଧରିବା ପାଇଁ ସକ୍ଷମ।
୩ ବଡ଼ ବ୍ୟାଟେରୀରେ ଚାଳେ — ଟ. ୧୮୫




**ଆର୍‌ପି ୨୨୨**

୨-ବ୍ୟାଣ୍ଡ ପୋର୍ଟେବଲ। ସର୍ଟୱେଭରେ ୧୯ ମିଟରରୁ ୬୦ ମିଟର ମଧ୍ୟରେ କେନ୍ଦ୍ରଗୁଡିକ ଧରିବା ପାଇଁ ସକ୍ଷମ। ଧାତୁର ସୁନ୍ଦର ଗ୍ରୀଲ।
୩ ମଝିଲା ସାଇଜ ବ୍ୟାଟେରୀରେ ଚାଳେ — ଟ. ୧୨୦




**ଆର୍‌ପି ୨୧୭**

ଅପୂର୍ବ ୨-ବ୍ୟାଣ୍ଡ ପୋର୍ଟେବଲ।
୪ ମଝିଲା ସାଇଜ ବ୍ୟାଟେରୀରେ ଚାଳେ — ଟ. ୧୬୦




**ଆର୍‌ପି ୨୨୦ ଡିଏମ୍**

୨-ବ୍ୟାଣ୍ଡ ପୋର୍ଟେବଲ। ମିଡ଼ିୟମ ୱେଭରେ ସମସ୍ତ କେନ୍ଦ୍ର ତଥା ସର୍ଟୱେଭରେ ୧୬ ମିଟରରୁ ୬୦ ମିଟର ମଧ୍ୟରେ ସବୁ କେନ୍ଦ୍ର ଧରିବା ପାଇଁ ସକ୍ଷମ।
୪ ବଡ଼ ବ୍ୟାଟେରୀ କିମ୍ବା ସିଧାସଳଖ ଏସି ମେନସରେ ଚାଳେ-ଟ. ୨୨୦




**ଆର୍‌ପି ୨୨୩**

ଊର୍ଦ୍ଧ୍ୱମୁଖୀ ଡାଏଲଯୁକ୍ତ ସୁନ୍ଦର ୨-ବ୍ୟାଣ୍ଡ ପୋର୍ଟେବଲ। ପୁସ-ଅନ ବ୍ୟାଣ୍ଡର ଥିବା କ୍ୟାବିନେଟ। ସର୍ଟୱେଭରେ ୧୬ ମିଟରରୁ ୬୦ ମିଟର ମଧ୍ୟରେ ସବୁ କେନ୍ଦ୍ର ଧରିବା ପାଇଁ ସକ୍ଷମ।
୩ ବଡ଼ ବ୍ୟାଟେରୀରେ ଚାଳେ — ଟ. ୧୬୫




**ଆର୍‌ପି ୩୨୨**

୩-ବ୍ୟାଣ୍ଡ ପୋର୍ଟେବଲ ଟ୍ରାନଜିଷ୍ଟର। ବାଇ-ଜେ ଟୋନ ଓ ଫାଇନ ଟ୍ୟୁନିଙ୍ଗ କଣ୍ଟ୍ରୋଲ।
୪ ବଡ଼ ବ୍ୟାଟେରୀ କିମ୍ବା ଏସି ମେନସରେ ଚାଳେ — ଟ. ୩୩୦




**ଆର୍‌ଟି ୩୦୨ ଡିଲକ୍ସ**

୩-ବ୍ୟାଣ୍ଡ ଏସି ମେନସ ରେଡିଓ। ଅବାଧିତ ଟୋନ କଣ୍ଟ୍ରୋଲ। ପଲିଏଷ୍ଟରର ଫିନିସ ସୁନ୍ଦର କ୍ୟାବିନେଟ। ବାହାର ସ୍ପିକର ଓ ଟେପ ରେକର୍ଡର ପିକ-ଅପ ପାଇଁ ସକେଟ — ଟ. ୪୯୦




**ଆର୍‌ଟି ୫୨୩ ଏସ୍**


୪-ବ୍ୟାଣ୍ଡ ମେନସ ରେଡିଓ। ପିକ-ଅପ ଓ ଟେପରେକର୍ଡର ପାଇଁ ସକେଟ। ପିଆନୋ କି ସହିତ ଶ୍ରେଷ୍ଠ ଏକ ଡିଜାଇନ — ଟ. ୬୬୫




ଉଲ୍ଲିଖିତ ଦାମ ସ୍ଥାନୀୟ ଟିକସ ବ୍ୟତୀତ। ଅଦରକାରୀ ଓ ପ୍ରାଇମରୀ ବଜ ଅନ୍ତର୍ଭୁକ୍ତ ନୁହେଁ।



ଟି ଭି ୫୦୫୭



ଟି ଭି ୩୧୨୧



ଏ ପି ୦୨



ଏ ଆର ୩୦

Shilpi TR-17A/76 ORI.

**TELERAD**

# ଜନ ସଂଖ୍ୟା ବୃଦ୍ଧି--ଏକ ବିଷମ ସଂକଟ

ଶ୍ରୀ ସନତ କୁମାର ମହାପାତ୍ର

ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଗୋଟିଏ ଦୃଢ଼ ଧାରଣା ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ଯେ ଜନସଂଖ୍ୟା ବଢ଼ିଲେ ପରିବାରର ଓ ଦେଶର ସଂପଦ ବଢ଼ିଯିବ । (more people means more wealth) କିନ୍ତୁ ଅବସ୍ଥାର ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ବହୁ ଭ୍ରାନ୍ତଧାରଣା ଭଳି ଏ ଧାରଣାଟି ମଧ୍ୟ ବାତିଲ ହୋଇସାରିଛି । ଜନସଂଖ୍ୟା ସଂପର୍କରେ ମଧ୍ୟ ଶିକ୍ଷିତ ଜ୍ଞାନୀବ୍ୟକ୍ତି ଓ ସାଧାରଣଙ୍କର ଧାରଣା ବଦଳିଗଲାଣି । ତେଣୁ ଆଜିର ଅନେକ ଅର୍ଥନୀତିଜ୍ଞ କହିବାକୁ ଆରମ୍ଭ କଲେଣି—ଅଧିକ ଜନ ମାନେ ଅଧିକ ଦାରିଦ୍ର୍ୟ । (more people-more poverty).

ଆମ ଶତାବ୍ଦୀର ସବୁଠାରୁ ବଡ଼ ସଂକଟ ହେଉଛି ଏହି ଜନସଂଖ୍ୟା ବୃଦ୍ଧିର ସମସ୍ୟା । ଆଣବିକ ବୋମା ଜନିତ ଭୟ ବା ବିପଦ ଏହା ତୁଳନାରେ କିଛି ନୁହେଁ । ଏହି ସଂକଟକୁ ଯଦି ଆମେ ସଚେତନଭାବେ ଅତିକ୍ରମ ନ କରୁ ତେବେ ଆମଦେଶ ଓ ମାନବ ଜାତିର ଭବିଷ୍ୟତ ମଧ୍ୟ ଆଶଙ୍କା ଜନକ ହୋଇପଡ଼ିବ । ଆମେ ଯେତେଯାହା ସମସ୍ୟା ଦେଖୁଛୁ—ଦାରିଦ୍ର୍ୟ, ଖାଦ୍ୟାଭାବ, ବସ୍ତ୍ର ସମସ୍ୟା, ବାସଗୃହ ସମସ୍ୟା, ଶିକ୍ଷା କ୍ଷେତ୍ରରେ ଅବନତି, ଚୋରୀ ଡକାୟତି, ଆତ୍ମହତ୍ୟା ଓ ପାଗଳାଙ୍କ ସଂଖ୍ୟାବୃଦ୍ଧି, ବେକାର ସମସ୍ୟା ଓ ସୈନ୍ୟବଳରେ, ଧନବଳରେ ବା କୌଣସିପ୍ରକାର ଏକ ତଥାକଥିତ ସାମାଜିକ ଆଦର୍ଶବାଦ ବଳରେ ପର ସତ୍ୟ ଗ୍ରାସ କରିବାର ଲିପ୍ସା ଇତ୍ୟାଦି ଯେତେ ସଂକଟ ସବୁକୁ ବିଶ୍ଳେଷଣକରି ଦେଖିଲେ ଜଣାପଡ଼ୁଛି ସବୁରି ମୂଳରେ ରହିଛି ଏହି ଜନସଂଖ୍ୟାବୃଦ୍ଧି ରୂପକ ରାକ୍ଷସୀର ନିଗୂଢ଼ ବିଷମ ଚକ୍ରାନ୍ତ ।

୧୯୬୧ ମସିହାର ଜନଗଣନାନୁସାରେ ଭାରତର ଜନସଂଖ୍ୟା ଥିଲା ୪୩ କୋଟି ୯୦ ଲକ୍ଷ, ୧୯୭୧ ମସିହାରେ ତାହା ବୃଦ୍ଧିପାଇ ହେଲା ୫୪ କୋଟି ୭୦ ଲକ୍ଷ । ତା'ମାନେ ପ୍ରତିବର୍ଷ ଏକକୋଟି ଦଶଲକ୍ଷ ହିସାବରେ ଜନସଂଖ୍ୟା ବଢ଼ିଚାଲିଛି । ପରିକଳ୍ପନା କମିଶନଙ୍କ ମତରେ ଜନସଂଖ୍ୟା ବୃଦ୍ଧିର ଏହି ବୃଦ୍ଧିହାର ଅବ୍ୟାହତ । ବ୍ରିଟିଶ ବୈଜ୍ଞାନିକ ଜୁଲିଆନ୍ ହକ୍ସଲି କହିଥିଲେ ଭାରତ ଯଦି ଜନସଂଖ୍ୟା ସମସ୍ୟାର ସମାଧାନ କରି ନ ପାରେ ତା' ହେଲେ ତାକୁ ସାମାଜିକ ଓ ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ହେବ । ଆଚାର୍ଯ୍ୟ କୃପାଳିନୀଙ୍କ ଭଳି ବିଶିଷ୍ଟ ଦେଶସେବକ ଓ ନେତା ତୀବ୍ର ବିଦ୍ରୁପୋକ୍ତି କରି କହିଥିଲେ—ଭାରତରେ କେବଳ ଗୋଟିଏ ଶିଳ୍ପ ଖୁବ୍ ଉନ୍ନତି କରିଚାଲିଛି ତାହା ହେଉଛି ସନ୍ତାନ ଉତ୍ପାଦନ । ପ୍ରକୃତିରେ ଆମର ହୋଇଛି ସନ୍ତାନ ଉତ୍ପାଦନର ଗୋଟିଏ କାରଖାନା ମାତ୍ର ।

ଅର୍ଥନୈତିକ ଉନ୍ନୟନର ଉଦ୍ଦେଶ୍ୟରେ ମୁଣ୍ଡପିଛା ଆୟ ଏବଂ ଜୀବନଯାତ୍ରାର ମାନବୃଦ୍ଧି ପାଇବାର ଯେ ସମ୍ଭାବନା, ଦ୍ରୁତ ଜନସଂଖ୍ୟା ବୃଦ୍ଧିଫଳରେ ତାହା ବାସ୍ତବରେ ରୂପାୟିତ ହୋଇ ପାରିବ ନାହିଁ । ଅତି ଦ୍ରୁତ ହାରରେ ଜନସଂଖ୍ୟା ବଢ଼ି ଚାଲିଲେ ଜନସାଧାରଣ ଅର୍ଥନୈତିକ ଉନ୍ନୟନର କୌଣସି ଫଳ ଭୋଗକରି ପାରିବେ ନାହିଁ । ଉନ୍ନୟନର ସମସ୍ତ ପ୍ରୟାସହିଁ ବାଲିପାଣିପରି ବଢ଼ିଚାଲିଥିବା ଜନସଂଖ୍ୟାର ଖାଦ୍ୟ ସଂଗ୍ରହରେ ଆବଦ୍ଧ ରହିବା ଫଳରେ ଜନସାଧାରଣଙ୍କର ଜୀବନଯାତ୍ରାର ମାନ ଉନ୍ନତ ହେବନାହିଁ । ସେହି କାରଣରୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯାହା ଫଳରେ ଉନ୍ନୟନର ଗତିରୋଧ ନ କରିପାରିବ ସେଥିପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସରକାର ଓ ଜନସାଧାରଣ ତତ୍ପର ଆଜିଠାରୁ ବହୁତ ହୋଇପଡ଼ିଛି ଅତ୍ୟନ୍ତ ଜରୁରୀ ।

ଅନେକ ହୁଏତ ଗୋଟିଏ ଯୁକ୍ତି ବାଢ଼ି ପାରନ୍ତି ଯେ ଊନବିଂଶ ଶତାବ୍ଦୀରେ ଇଉରୋପରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ତାଙ୍କର ଅର୍ଥନୈତିକ ଉନ୍ନୟନରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ନାହିଁ । ସେଠାରେ କୌଣସି ସକ୍ରିୟ ଜନସଂଖ୍ୟା ହ୍ରାସର ପରିକଳ୍ପନା ଗ୍ରହଣ କରାଯାଇ ନ ଥିଲା । ତଥାପି ସେଠାରେ ଜନସଂଖ୍ୟା ଆପେ ଆପେ କାଳକ୍ରମେ ହ୍ରାସ ପାଇ ଆସିଛି । କିନ୍ତୁ ଊନବିଂଶ ଶତାବ୍ଦୀର ଇଉରୋପର ଅବସ୍ଥା ସଙ୍ଗେ ଭାରତର ବର୍ତ୍ତମାନ ଅବସ୍ଥାର ତୁଳନା କୌଣସି ପ୍ରକାରେ ଯୁକ୍ତିଯୁକ୍ତ ନୁହେଁ । ପ୍ରଥମତଃ ଇଉରୋପରେ ଯେତେବେଳେ ଶିଳ୍ପ ବିପ୍ଳବ ଘଟିଲା, ସେତେବେଳେ ସେଠାର ମୋଟ୍ ଜନସଂଖ୍ୟାର ପରିମାଣ ଥିଲା ଖୁବ୍ କମ୍ । ତେଣୁ ଶତକଡ଼ା ବୃଦ୍ଧିର ହାର ବେଶି ହେଲେବି, ମୋଟ୍ ବୃଦ୍ଧିର ପରିମାଣ ଖୁବ୍ ବେଶୀ ନ ଥିଲା । ଦ୍ୱିତୀୟତଃ ଇଉରୋପରେ ଊନବିଂଶ ଶତାବ୍ଦୀରେ ଯେଉଁ ହାରରେ ଜନସଂଖ୍ୟା ବଢ଼ିଛି, ସେମାନଙ୍କର ଅର୍ଥନୈତିକ ଉନ୍ନୟନ ତାହା ଅପେକ୍ଷା ଖୁବ୍ ଅଧିକ ଭାବେ ବଢ଼ି ଚାଲିଥିଲା ।

ଦ୍ରୁତ ହାରରେ ଜନସଂଖ୍ୟା ବୃଦ୍ଧି ହେଲେ ଦେଶରେ ଉନ୍ନୟନର କୌଣସି ପ୍ରଭାବ ଦେଖାଯିବ ନାହିଁ । ପରିକଳ୍ପନା ବା ଯୋଜନା ମାଧ୍ୟମରେ ଆମେ ଆମ ଜନଗଣଙ୍କର ଜୀବନଯାତ୍ରାର ମାନ ବୃଦ୍ଧିର ପ୍ରୟାସୀ । ସେହି କାରଣରୁ ଜନ୍ମ-ନିୟନ୍ତ୍ରଣର ବ୍ୟୟ ଆମେ ଯେତେ କରୁଛୁ, ତାକୁ ପୁରାପୁରି ଅର୍ଥନୈତିକ ଦୃଷ୍ଟିଭଙ୍ଗୀରୁ ଲାଭଜନକ ବୋଲି ବିଚାରିବାକୁ ହେବ ।

ଚିକିତ୍ସା ବିଜ୍ଞାନର ବିସ୍ମୟକର ଉନ୍ନତି ଫଳରେ ଏହି ଗତ କେତେ ବର୍ଷ ମଧ୍ୟରେ ମୃତ୍ୟୁ ଓ ଅପମୃତ୍ୟୁର ହାର ଦ୍ରୁତ ଗତିରେ ହ୍ରାସ ପାଇଛି । କିନ୍ତୁ ଆମେ ମୃତ୍ୟୁକୁ ଯେପରି ନିୟନ୍ତ୍ରଣ କରୁଛୁ—ତଦନୁଯାୟୀ ଜନ୍ମକୁ ଯଦି ନିୟନ୍ତ୍ରଣ ନ କରୁ, ତେବେ ଭାରସାମ୍ୟ ରଖିବା ଆଉ ସହଜ ହେବ ନାହିଁ, ବିପର୍ଯ୍ୟୟ ଘଟିବଇ ଘଟିବ ।

## ଜନସଂଖ୍ୟା ନିୟନ୍ତ୍ରଣର ପ୍ରଧାନତଃ ତିନୋଟି ପଦ୍ଧତି ରହିଛି

ପ୍ରଥମତଃ ପରିବାର ନିୟନ୍ତ୍ରଣ ଯୋଜନା ମାଧ୍ୟମରେ "ଅପରିଣାମ ମାତୃତ୍ୱ"କୁ ପରିହାର କରିବା । ଏହି ଧାରଣାଟି ପ୍ରଥମେ ୧୯୫୧ ମସିହାର ଜନଗଣନା ସୁମାରି ବେଳେ ବ୍ୟବହାର କରାଗଲା । ଦୁଇ ବା ତିନୋଟିରୁ ଅଧିକ ସନ୍ତାନ ପ୍ରସବ କଲାପରେ ପୁନରାୟ ସନ୍ତାନବତୀ ହେଉଥିବା ଜନନୀଙ୍କୁ ଅପରିଣାମଦର୍ଶୀ ମାତୃତ୍ୱ ବୋଲି କୁହାଗଲା ।

ଦ୍ୱିତୀୟ ପଦ୍ଧତି ହେଲା—ସ୍ତ୍ରୀ ଓ ପୁରୁଷଙ୍କର ବିଶେଷତଃ ସ୍ତ୍ରୀମାନଙ୍କର ବିବାହ ବୟସ ବଢ଼େଇ ଦେବା ଦ୍ୱାରା ଜନସଂଖ୍ୟା ନିୟନ୍ତ୍ରଣ । କୌଣସି ସ୍ତ୍ରୀ ଲୋକ ସାଧାରଣତଃ ୧୫ ବର୍ଷରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସନ୍ତାନ ଜନ୍ମ କରିପାରନ୍ତି । ଏ ସ୍ଥଳେ ଯଦି କନ୍ୟାମାନଙ୍କୁ ଅଧିକ ବୟସରେ ବିବାହ ଦିଆଯାଏ—ତେବେ ପ୍ରଜନନ ଲାଗି ସମୟ କମିଯିବାରୁ ସ୍ୱାଭାବିକ ଭାବେ ସନ୍ତାନ ଜନ୍ମର ସଂଖ୍ୟା କମିଯାଏ ।

ଏ ଦୁଇଟି ବ୍ୟତୀତ ଆଉ ଗୋଟିଏ ପନ୍ଥା ଅଛି । ତାହାକୁ ଚରମ ପନ୍ଥା କୁହାଯାଇପାରେ । ଏ ସ୍ଥଳେ ତିନୋଟି ସନ୍ତାନରୁ ଅଧିକ ହେଲେ ପିତା ମାତାଙ୍କ ଉପରେ କ୍ରମବର୍ଦ୍ଧମାନ କରଧାର୍ଯ୍ୟର ବ୍ୟବସ୍ଥା ଏବଂ ମୃତଦାର ଓ ବିଧବାମାନଙ୍କର ଦ୍ୱିତୀୟ ଥର ବିବାହକୁ ଆଇନ୍ ଦ୍ୱାରା ଅସିଦ୍ଧ କରିଦେବା । ଏହା ଏକ ବିଷମ ବ୍ୟବସ୍ଥା ସନ୍ଦେହ ନାହିଁ । ମାତ୍ର ଅନ୍ୟ ଉପାୟଗୁଡ଼ିକ ଯଦି ବୁଝାମଣାର ସହ ଗ୍ରହଣ କରା ନ ଯାଏ—ତେବେ ଯେକୌଣସି ଜନମଙ୍ଗଳରୁହିଁ ଏହି ଚରମ ବ୍ୟବସ୍ଥାଟିକୁ ଗ୍ରହଣ କରିବାକୁ ଅବଶେଷରେ ବାଧ୍ୟ ହେବଇ ହେବ ।

ବର୍ତ୍ତମାନ ପରିବାର ନିୟନ୍ତ୍ରଣ ପରିକଳ୍ପନାକୁ ମୁଖ୍ୟତଃ ତିନୋଟି ଦୃଷ୍ଟିରୁ ବିଚାରିବାକୁ ହେବ । ୧—ଜନନୀର ସ୍ୱାସ୍ଥ୍ୟ, ୨—ନିୟନ୍ତ୍ରିତ ପରିବାରର ସୁବିଧା ଏବଂ ୩—ଦେଶର କ୍ରମବର୍ଦ୍ଧମାନ ଜନସଂଖ୍ୟାର ପରିପ୍ରେକ୍ଷୀରେ ପରିବାର ପରିକଳ୍ପନାର ପ୍ରୟୋଜନୀୟତା ।

ପାଶ୍ଚାତ୍ୟ ଦେଶରେ ବର୍ତ୍ତମାନ ପରିବାର ନିୟନ୍ତ୍ରଣ ଲାଗି ପ୍ରଚାର କରିବାକୁ ପଡୁନାହିଁ । କାରଣ ଏକ ନିୟନ୍ତ୍ରିତ କ୍ଷୁଦ୍ର ପରିବାର ସେମାନଙ୍କର ଆଦର୍ଶ ଏବଂ ପାଶ୍ଚାତ୍ୟ ଜୀବନ ଦର୍ଶନ ବା ସମାଜ ଦର୍ଶନ ସଙ୍ଗେ ତାହା ବେଶ୍ ସଙ୍ଗତ ହୋଇ ଚାଲିଛି । ସେମାନେ ବର୍ତ୍ତମାନ "ବେବି"ଟିଏ ଆଶା ନ କରି "ବେବୀକାର୍"ଟିଏ ପାଇବା ଲାଗି ବେଶୀ ବ୍ୟାକୁଳ । ଜାତୀୟ ଦୃଷ୍ଟିକୋଣରୁ ପରିବାର ପରିକଳ୍ପନା ଦୁଇଟି କାରଣରୁ ପ୍ରୟୋଜନ । ୧—ଜନସଂଖ୍ୟା ବୃଦ୍ଧିକୁ

ରୋଧ କରିବା ଏବଂ ୨—ଜାତୀୟ ଜୀବନଯାତ୍ରାର ମାନ ଉନ୍ନତ କରିବା । "ଜନସଂଖ୍ୟା ବିସ୍ଫୋରଣ"ର ଭୟାବହ ପରିଣତି ହାତରୁ ରକ୍ଷା ପାଇବାକୁ ହେଲେ ଏହି ପରିବାର ନିୟନ୍ତ୍ରଣ ଯୋଜନାର ଗୁରୁତ୍ୱକୁ ଆଜି କେହି ଅସ୍ୱୀକାର କରିପାରିବେ ନାହିଁ ।


ଏହି ପରିବାର ନିୟନ୍ତ୍ରଣ ଯୋଜନାର ଚାରୋଟି ଦିଗ ରହିଛି । ୧—ଗର୍ଭ ନିୟନ୍ତ୍ରଣ ବା ଜନ୍ମ ନିୟନ୍ତ୍ରଣ (Birth Control), ୨—ବନ୍ଧ୍ୟା ଦମ୍ପତିଙ୍କର ଚିକିତ୍ସାର ବ୍ୟବସ୍ଥା କରିବା, ୩—ବିବାହ ପରାମର୍ଶ ସଂକ୍ରାନ୍ତ କାର୍ଯ୍ୟକ୍ରମ, ୪—ଯୌନଶିକ୍ଷାର ବ୍ୟବସ୍ଥା ।

ଆମର ପଡ଼ୋଶୀ ଜାପାନରେ ଗର୍ଭ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଏକ ନୈତିକ ଓ ଆଇନାନୁମୋଦିତ ବ୍ୟାପାର । ପରିବାର ନିୟନ୍ତ୍ରଣର ଅନ୍ୟ ତିନୋଟି ବିଷୟ ଏପର୍ଯ୍ୟନ୍ତ ଆମ ସରକାରୀ କାର୍ଯ୍ୟସୂଚୀର ଅନ୍ତର୍ଗତ ହୋଇନାହିଁ ।

୧୯୭୨ ମସିହା ଏପ୍ରିଲ ପହିଲାଠାରୁ Medical Termination of Pregnancy Act ଲାଗୁ ହେବାରୁ ଆମ ଦେଶରେ ଚିକିତ୍ସା ଦ୍ୱାରା ଗର୍ଭପାତ କରିବାର ବ୍ୟବସ୍ଥାଟି ଆଇନାନୁମୋଦିତ ହେଲା । ଆଗରୁ କିନ୍ତୁ ଔଷଧ ବା ଅପରେସନ ଆଦି ଦ୍ୱାରା ଯେ କୌଣସି ନାରୀର ଗର୍ଭପାତ କାର୍ଯ୍ୟଟି ବେଆଇନ୍ ଥିଲା । ଏ ଆଇନଟିକୁ ନୈତିକତାର ଦୃଷ୍ଟି ଦେଇ ହୁଏତ ଅନେକ ପସନ୍ଦ ନକରି ପାରନ୍ତି—ମାତ୍ର ବୃହତ୍ତର ନୈତିକତାର ଦୃଷ୍ଟିରୁ ଦେଖିଲେ ଏପରି ଗର୍ଭପାତ ବ୍ୟବସ୍ଥା କିଛି ପାପ କାର୍ଯ୍ୟ ନୁହେଁ । ଦେଶରେ ବର୍ତ୍ତମାନ ସବୁଠାରୁ ପୁଣ୍ୟ କାର୍ଯ୍ୟ ହେଲା—ଯେକୌଣସି ଭାବେ ବଢ଼ିଯାଣି ପରି ମାଡ଼ି ଯାଉଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ।

ପ୍ରଥମ ଯୋଜନା କାଳରେ ପରିବାର ନିୟନ୍ତ୍ରଣ ଯୋଜନା ଲକ୍ଷ୍ୟରେ ଯେତେ ଟଙ୍କା ଖରଚ କରଯାଉଥିଲା, ତା'ର ଉଦ୍ଦେଶ୍ୟ ଥିଲା ମାତାର ସ୍ୱାସ୍ଥ୍ୟ ରକ୍ଷା କରିବା । କିନ୍ତୁ ଦ୍ୱିତୀୟ ଯୋଜନା କାଳରେ ଏହାକୁ କୋଟି କୋଟି ଟଙ୍କାର ଖର୍ଚ୍ଚ ପ୍ରୟୋଜନ ପଡ଼ିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା—ପରିବାରର କଲ୍ୟାଣ । ତୃତୀୟ ଯୋଜନାରେ ଆହୁରି ଅଧିକ ଟଙ୍କା ଖର୍ଚ୍ଚ ହେଲା ଓ ତା' ପରବର୍ତ୍ତୀ ଯୋଜନାଗୁଡ଼ିକରେ ବହୁ କୋଟି ଟଙ୍କା ଖର୍ଚ୍ଚ କରଯାଉଛି । କାରଣ ବର୍ତ୍ତମାନ ପରିବାର ନିୟନ୍ତ୍ରଣ ଯୋଜନାର ବହୁମୁଖୀ ସମ୍ପ୍ରସାରଣମୂଳକ କାର୍ଯ୍ୟସୂଚୀ ଗ୍ରହଣ କରଯାଉଛି ।

କିନ୍ତୁ ସମସ୍ୟା ହେଉଛି—କେବଳ ସରକାର କୋଟି କୋଟି ଟଙ୍କା ଖରଚ କରିଦେଲେ ହେବ ନାହିଁ । ସରକାରୀ ଖର୍ଚ୍ଚ ସାଙ୍ଗକୁ ଜନସାଧାରଣ ଏ ସମ୍ବନ୍ଧେ ତୀବ୍ରଭାବେ ସଚେତନ ଓ ସକ୍ରିୟ ହେବା ଉଚିତ । ପରିବାର ନିୟନ୍ତ୍ରଣ ଯୋଜନାକୁ ବର୍ତ୍ତମାନ ଏକ ଗଣ ଆନ୍ଦୋଳନରେ ପରିଣତ କରିବାକୁ ହେବ । ଏହା ବର୍ତ୍ତମାନ ଆଉ ଏକ ବ୍ୟକ୍ତି କେନ୍ଦ୍ରିକ ବା ପରିବାର କେନ୍ଦ୍ରିକ ବା ଗ୍ରାମ କେନ୍ଦ୍ରିକ ବ୍ୟାପାର ହୋଇ ନାହିଁ । ଏହା ବର୍ତ୍ତମାନ ସମଗ୍ର ଦେଶର ଏକ ସମସ୍ୟା ଏବଂ ଏଥିରୁ ଖୁବ୍ ଶୀଘ୍ର ମୁକ୍ତି ପାଇବା ଲାଗି ଚେଷ୍ଟା ଚଳାଇବା ଉଚିତ । ଏହି ଜରୁରୀକାଳୀନ ପରିସ୍ଥିତିରେହିଁ ସରକାର ଏ ସମ୍ପର୍କରେ ଦୃଢ଼ କାର୍ଯ୍ୟ ବ୍ୟବସ୍ଥା ଗ୍ରହଣ କରିପାରିବେ ।



# VISIT

## NANDANKANAN BIOLOGICAL PARK ( ORISSA )

Situated half-way between Cuttack & Bhubaneswar, connected by motorable road with Bhubaneswar and the Barang Railway Station ( S. E. Rly.).

**See in Natural Settings**

The Lions ( Indian & African ), Tigers, Leopards ( Normal, Black and Clouded ) and many other cats: specially 'KANAN' the tigress from the jungle who in responce to the call of 'PRADEEP' the tiger of the Zoo fell in captivity.

**Also See:**

Indian Rhinoceros, Indian Bisons, Russian Brown Bear, Crocodiles & other dangerous reptiles ; Hornbill, Pelican, storks and hundreds of other colourful birds ; beautiful aquarium & the Natural history Museum.

**Enjoy:**

Beautiful lake with numerous birds ( resident and migratory ), dancing piscifauna, boating and cool breeze.

**Comfortably Stay in:**

Lovely well furnished Lake-view Tourist Lodges at the most reasonable rates.

**Special Attractions:**

Beautiful lawns, gardens, picnic-spots, children's train, elephant ride.

Carry back with you numerous unforgettable memories.

For Further Details Please Contact:

THE WILD LIFE CONSERVATION OFFICER, ORISSA, 95-SAHEED NAGAR, BHUBANESWAR—751007, Tel: BHUBANESWAR—33840, 51580.

# ସାହିତ୍ୟ ଓ ସଂସ୍କୃତି

## କବିବର ରାଧାନାଥଙ୍କର ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

( ଦରବାର କାବ୍ୟରୁ ଉଦ୍ଧୃତ )

ହେ ଉତ୍କଳ ମାତା ସୌଭାଗ୍ୟତମ ସୁତ
ତୁମ୍ଭଗର୍ଭୁଁ ଆମ୍ଭେ ଯବେ ହେଲୁ ଚ୍ୟୁତ;
ଗୋଦାବରୀଠାରୁ ଗଙ୍ଗା ଯାଏ ବ୍ୟାପି
କୀର୍ତ୍ତିମାଳା ଯାର ଜଗତେ ଅଦ୍ୟାପି
ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ସ୍ୱର
ସୌଭାଗ୍ୟସୂର୍ଯ୍ୟ ତୁମ୍ଭେ ସେହି ଉତ୍କଳର,
ମାତ୍ର କାଳ ମୁଖେ ସେ କୀର୍ତ୍ତିକମଳ
ଦେଇ, ନିଜ ମୁଖେ ଏବେ ସେ ଉତ୍କଳ
ବୋଲି ଦେଇଅଛୁ ଅଜ୍ଞାନର ମସୀ
ସେ ଉତ୍କଳେ ତୁମ୍ଭେ ଶ୍ମଶାନ-ତୁଳସୀ !
ତାରାରୂପେ ଥିଲ ଉତ୍କଳ-ଗଗନେ
ଢାଙ୍କିଲ ଅଜ୍ଞାନ-ମେଘ-ଆବରଣେ,
ଦୂରୁ ଦେଖି ତୁମ୍ଭ ଦିବ୍ୟ ଜ୍ୟୋତିସ୍ପର୍ଶ
ଚିହ୍ନିଲେ ତୁମ୍ଭଙ୍କୁ ଦୂରଦେଶବାସୀ,
ଉତ୍କଳ-ଉଦଧି-ଅତଳେ ସୁନ୍ଦର
ହେଲେ ସବତର ଦ୍ୱୀପସ୍ଥ ସୁନ୍ଦର । (୧)
ମାତ୍ର ହେଲ ସେହୁ ତୁମ୍ଭର ପ୍ରସୂତ
ନ ଚିହ୍ନିଲ ସେତ ନିଜର ଅଦ୍ଭୁତ !

ଗୁଣଙ୍କୁ ଭଜିଲେ ଜଣେ କେହୁ ନାହିଁ
ଗୁଣୀନ୍ଦ୍ର ପୁତ୍ରର ହେବ ଗୁଣଗ୍ରାହୀ !

ସମ୍ବଳ ନ ଥିଲା ଖାଲି ଦଣ୍ଡବତ
ଦଶବାକୁ ଛନ୍ତ ଲୋକ ଶତଶତ !

× × × ×

ଲୋଭ ବଂଶଧର ଜାତ ଦୂନ ଆର
ଅଯାଚ, ତପସ୍ୱୀ ତୁମ୍ଭେ ବଜ୍ରସାର !

ଲୋଭ ଭଲାପୀଙ୍କ ଜୀବନ ସଂଚିତ
କୋଟି କୋଟି ମୁଦ୍ରା ମଧ୍ୟେ ସୁଗଠିତ

ପ୍ରାସାଦ, ସଜ୍ଜିତ ସୁପଶପାଟିରେ
ମାଟିଦ୍ରବ୍ୟ ମିଶିଯିବ ଯେ ମାଟିରେ !

ମାତ୍ର ଉତ୍କଳର ଦର୍ପ, ଶତ-ପ୍ରମୁଖ
ଜ୍ୟୋତିଷ-ଦର୍ପଣ, ଦରିଦ୍ରର କୃତ
"ସିଦ୍ଧାନ୍ତ ଦର୍ପଣ" ହେବନାହିଁ ଲୁପ୍ତ
ନରଦେହ ଥିବ ଯାବତ ହୃଦସ୍ଥ ।

---

ସିଦ୍ଧାନ୍ତ ଦର୍ପଣ—ସାମନ୍ତ ଚନ୍ଦ୍ରଶେଖର-ପ୍ରଣୀତ ବିଶ୍ୱ ବିଖ୍ୟାତ ଗ୍ରନ୍ଥ ।

---



ରାଜଧାନୀସ୍ଥିତ ପ୍ରାଥମିକ ଓ ମଧ୍ୟଇଂରେଜୀ ବିଦ୍ୟାଳୟମାନଙ୍କ ଦ୍ୱାରା ଗତ ନଭେମ୍ବର ୨୪ ତାରିଖରେ ଆୟୋଜିତ ଉତ୍କଳମଣି ଗୋପବନ୍ଧୁ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଏ. ଏନ୍. ତିୱାରୀ ଉଦ୍‌ବୋଧନ ଦେଉଛନ୍ତି ।

# ଓଡ଼ିଶାରେ ନାରୀମାନଙ୍କପାଇଁ ବୈଷୟିକ ତାଲିମ ବ୍ୟବସ୍ଥା

ଶ୍ରୀ ଦୁର୍ଗା ଚରଣ ମହାପାତ୍ର

ବର୍ତ୍ତମାନ ଆମ ଦେଶରେ ନାରୀ ଶିକ୍ଷାର ପ୍ରସାର ଉପରେ ଖୁବ୍ ଜୋର ଦିଆଯାଉଛି । ଆମର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କର ୨୦-ଦଫା ସମ୍ବଳିତ କାର୍ଯ୍ୟକ୍ରମରେ ନାରୀଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । କିନ୍ତୁ କେବଳ ସାଧାରଣ ଶିକ୍ଷାଦାନ ଯଥେଷ୍ଟ ନୁହେଁ । ନାରୀମାନଙ୍କ ପାଇଁ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ବ୍ୟବସ୍ଥାର ନିତାନ୍ତ ଆବଶ୍ୟକତା ରହିଛି । ଏହି ଶିକ୍ଷା ଦ୍ୱାରା ନାରୀମାନେ ରୋଜଗାର କରି ସ୍ୱାବଲମ୍ବନଶୀଳ ହୋଇପାରିବେ । ଏହି ଉଦ୍ଦେଶ୍ୟ ନେଇ ଭାରତର ପ୍ରତ୍ୟେକ ରାଜ୍ୟରେ ନାରୀମାନଙ୍କୁ ଉପଯୁକ୍ତ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଆମ ଓଡ଼ିଶା ରାଜ୍ୟ ଏ ବିଷୟରେ ମଧ୍ୟ ପଛରେ ନାହିଁ ।

ଡିପ୍ଲୋମା ସ୍ତରରେ ବୈଷୟିକ ଶିକ୍ଷା ପାଇବା ପାଇଁ କେବଳ ନାରୀମାନଙ୍କ ନିମିତ୍ତ ମୁଖ୍ୟତଃ ଓଡ଼ିଶାର ରାଉରକେଲା-ଠାରେ ଗୋଟିଏ ପଲିଟେକ୍‌ନିକ୍ ଅନୁଷ୍ଠାନ ଅଛି । ଏହି ଅନୁଷ୍ଠାନର ନାମ ନାରୀମାନଙ୍କ ପାଇଁ ଏସ୍. କେ. ଡି. ଏ. ଭି. ପୋଲିଟେକ୍‌ନିକ୍ । ମାଟ୍ରିକ ପାସ କରିଥିବା ବାଳିକାମାନଙ୍କୁ ଏହି ଅନୁଷ୍ଠାନରେ ବୈଷୟିକ ଶିକ୍ଷା ନିମିତ୍ତ ଗ୍ରହଣ କରାଯାଏ । ସାଧାରଣତଃ ପ୍ରତିବର୍ଷ ଜୁନ ମାସରେ ଛାତ୍ରୀ ଗ୍ରହଣ ପାଇଁ ବିଜ୍ଞାପନ ଦିଆଯାଏ । ଜୁଲାଇ ମାସରେ ଛାତ୍ରୀ ନିର୍ବାଚନ କରାଯାଇ ଶିକ୍ଷାଦାନ ଆରମ୍ଭ କରାଯାଏ । ମେଟ୍ରିକ ପରୀକ୍ଷାରେ ଛାତ୍ରୀମାନେ ରଖିଥିବା ନମ୍ବରକୁ ଭିତ୍ତିକରି ନେଇ ଛାତ୍ରୀ ନିର୍ବାଚନ କରାଯାଏ । ପ୍ରତ୍ୟେକ ବର୍ଷ ୭୫ ଜଣ ନୂତନ ଛାତ୍ରୀଙ୍କୁ ଗ୍ରହଣ କରିବାର ବ୍ୟବସ୍ଥା ଏହି ଅନୁଷ୍ଠାନରେ ଅଛି । ହରିଜନ ଏବଂ ଆଦିବାସୀ ଛାତ୍ରୀମାନଙ୍କୁ ଗ୍ରହଣ କରିବା ପାଇଁ ଅଗ୍ରାଧିକାର ଦିଆଯାଏ । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଛାତ୍ରୀମାନେ ଏଠାରେ ଅଧ୍ୟୟନ କରନ୍ତି । ଦୂର ଦୂରାନ୍ତରୁ ଆସିଥିବା ଛାତ୍ରୀମାନଙ୍କର ରହିବା ପାଇଁ ଏଠାରେ ଛାତ୍ରୀବାସର ବ୍ୟବସ୍ଥା ରହିଛି । ଏତଦ୍‌ବ୍ୟତୀତ ପଛୁଆ, ମେଧାବୀ, ହରିଜନ ଏବଂ ଆଦିବାସୀ ଛାତ୍ରୀମାନଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା ରହିଛି ।

ଏହି ପଲିଟେକ୍‌ନିକ୍ ଅନୁଷ୍ଠାନରେ ଇଲେକ୍‌ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ଇଞ୍ଜିନିୟରିଂ, ଲାଇବ୍ରେରୀ ସାଇନ୍ସ ଏବଂ କମର୍ସିଆଲ ପ୍ରାକ୍ଟିସ ବିଷୟରେ ଶିକ୍ଷାଦାନ କରାଯାଏ । ଏହି ସବୁ ବିଷୟମାନ ନାରୀମାନଙ୍କ ପାଇଁ ବିଶେଷ ଉପଯୋଗୀ । ଇଲେକ୍‌ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ବିଷୟରେ ପ୍ରତ୍ୟେକ ବର୍ଷ ୧୫ ଜଣ ଛାତ୍ରୀ ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଏହି ବିଷୟରେ ଛାତ୍ରୀମାନଙ୍କୁ ୪ ବର୍ଷ ପାଠ ପଢ଼ିବାକୁ ପଡ଼େ । ସାଧାରଣ ପାଠ ସହିତ ଓ୍ୱାର୍କସପ୍ ଏବଂ ଲାବୋରେଟରୀ ମାନଙ୍କରେ ମଧ୍ୟ ତାଲିମ ନେବାକୁ ପଡ଼େ । ଏହି ୪ ବର୍ଷ ମଧ୍ୟରୁ ଗୋଟିଏ ବର୍ଷ ଛାତ୍ରୀମାନଙ୍କୁ ବିଭିନ୍ନ କଳ କାରଖାନା ଏବଂ ସରକାରୀ ଅନୁଷ୍ଠାନ ମାନଙ୍କରେ ବିଶେଷ ତାଲିମ ନେବାକୁ ପଡ଼େ ।

ଲାଇବ୍ରେରୀ ସାଇନ୍ସ ବିଷୟରେ ପ୍ରତିବର୍ଷ ୩୦ ଜଣ ଛାତ୍ରୀ ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଏହି ବିଷୟରେ ଦୁଇବର୍ଷ ଅଧ୍ୟୟନ କରିବା ପରେ ଛାତ୍ରୀମାନେ ଡିପ୍ଲୋମା ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ସେହିପରି ଭାବରେ କମର୍ସିଆଲ ପ୍ରାକ୍ଟିସ ବିଷୟରେ ମଧ୍ୟ ପ୍ରତ୍ୟେକ ବର୍ଷ ୩୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯାଏ । ଏହି ବିଷୟର ଶିକ୍ଷା ସମୟ ମଧ୍ୟ ଦୁଇ ବର୍ଷ ।

ଏହି ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କର ପରୀକ୍ଷା ଷ୍ଟେଟ୍ କାଉନସିଲ ଅଫ୍ ଟେକ୍ନିକାଲ ଏଡୁକେସନ, ଓଡ଼ିଶାଙ୍କ ଦ୍ୱାରା କରାଯାଇ କୃତକାର୍ଯ୍ୟ ହେଉଥିବା ଛାତ୍ରୀମାନଙ୍କୁ ଡିପ୍ଲୋମା ସାର୍ଟିଫିକେଟ ପ୍ରଦାନ କରାଯାଏ । ଏହି ଡିପ୍ଲୋମା ଅଲଇଣ୍ଡିଆ କାଉନସିଲ ଅଫ୍ ଟେକ୍ନିକାଲ ଏଡୁକେସନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହା ଫଳରେ ଏଠାରୁ ପାସ କରିଥିବା ଛାତ୍ରୀମାନଙ୍କୁ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ନିଯୁକ୍ତି ପାଇବାରେ କୌଣସି ଅସୁବିଧା ହୁଏ ନାହିଁ ।


ଏହି ଅନୁଷ୍ଠାନରେ ଉପରୋକ୍ତ ବିଷୟମାନଙ୍କ ସହିତ ଆହୁରି କେତେଗୋଟି ନୂଆ ନୂଆ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା କରିବା ସରକାରଙ୍କର ବିଚାରାଧୀନ ଅଛି । ଏହି ବିଷୟଗୁଡ଼ିକ ହେଲା ଇନଷ୍ଟ୍ରୁମେଣ୍ଟ ଟେକ୍ନୋଲୋଜି, ଟେଲିଭିଜନ ଟେକ୍ସଟାଇଲ ଡିଜାଇନ୍, ଆରକିଟେକ୍ଚର ଇଞ୍ଜିନିୟରିଂ, ଇଣ୍ଟେରିଅର ଡେକୋରେସନ, ଡ୍ରେସ କମର୍ସିଆଲ ଆର୍ଟ ଆଣ୍ଡ ଡିଜାଇନ୍ ଏବଂ ହାଣ୍ଡିକ୍ରାଫ୍ଟ୍ ପ୍ରଭୃତି ।

ଏତଦ୍ ଭିନ୍ନ ଡିପ୍ଲୋମା ସ୍ତରରେ ବୈଷୟିକ ଶିକ୍ଷା ବ୍ୟବସ୍ଥା ବୃତ୍ତିମୂଳକ ଧନ୍ଦା ବିଷୟରେ ତାଲିମ ଦେବାପାଇଁ କେବଳ ନାରୀମାନଙ୍କ ନିମନ୍ତେ କଟକରେ ଗୋଟିଏ ତାଲିମ କେନ୍ଦ୍ର ଅଛି । ଏହି ତାଲିମ କେନ୍ଦ୍ରର ନାମ ସରକାରୀ ଟେଲରିଂ ସେଣ୍ଟର । ଏହି କେନ୍ଦ୍ରରେ ସିଲାଇ ଏବଂ ଷ୍ଟେନୋଗ୍ରାଫି ବିଷୟମାନଙ୍କରେ ଏକ ବର୍ଷ ପାଇଁ ତାଲିମ ଦେବାର ବ୍ୟବସ୍ଥା ରହିଛି । ଷ୍ଟେନୋଗ୍ରାଫି ବିଷୟରେ ପ୍ରବେଶ ପାଇବାକୁ ହେଲେ ପ୍ରାର୍ଥୀମାନେ ମାଟ୍ରିକ ପାସ୍ କରିଥିବା ଦରକାର । ଟେଲରିଂ ବିଷୟରେ ନାମ ଲେଖାଇବାପାଇଁ ସର୍ବନିମ୍ନ ଯୋଗ୍ୟତା ହେଲା ନବମ ଶ୍ରେଣୀ ପାସ୍ । ଉଭୟ ବିଷୟମାନଙ୍କରେ ଛାତ୍ରୀମାନେ ବର୍ଷେ ତାଲିମ ପାଇବା ପରେ ଷ୍ଟେଟ୍ କାଉନସିଲ ଅଫ୍ ଟେକ୍ନିକାଲ ଆଣ୍ଡ ଭୋକେସନାଲ ଟ୍ରେଡ୍ ଅଧୀନରେ ପରୀକ୍ଷା ଦିଅନ୍ତି । କଟକରେ ଏହି ଅନୁଷ୍ଠାନରେ ଦିଆଯାଉଥିବା ତାଲିମ ବ୍ୟବସ୍ଥା ଭାରତ ସରକାରଙ୍କଠାରୁ ସ୍ୱୀକୃତି ପାଇଛି । ଏହାଦ୍ୱାରା ଏହି କେନ୍ଦ୍ରରୁ କୃତିତ୍ୱ ସହିତ ତାଲିମପ୍ରାପ୍ତ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସହଜରେ ନିଯୁକ୍ତି ପାଇପାରିବେ ।

ଭୁବନେଶ୍ୱରସ୍ଥିତ ଫୁଡ୍ କ୍ରାଫ୍ଟ ଇନଷ୍ଟିଚ୍ୟୁଟ୍‌ରେ ମଧ୍ୟ ନାରୀମାନଙ୍କର ତାଲିମ ପାଇବାର ସୁଯୋଗ ରହିଛି । ସାଧାରଣ ଛାତ୍ରମାନଙ୍କପାଇଁ ଉଦ୍ଦିଷ୍ଟ ବେକେରୀ, କୁକେରୀ ଏବଂ କାଉଣ୍ଟର ସର୍ଭିସ୍ ତାଲିମ୍ ବିଷୟମାନଙ୍କରେ ନାରୀମାନଙ୍କପାଇଁ ନାମ ଲେଖାଇବାର ବ୍ୟବସ୍ଥା ରହିଛି । ଏହିସବୁ ବିଷୟମାନଙ୍କରେ ଛ'ମାସପାଇଁ ତାଲିମ ଦିଆଯାଏ । ଏତଦ୍ ବ୍ୟତୀତ କେବଳ ନାରୀମାନଙ୍କପାଇଁ ସ୍ୱତନ୍ତ୍ର ହାଉସ୍ ଓ୍ୱାଇଫ୍ କୋର୍ସ ନାମରେ ବିଶେଷ ତାଲିମ ବ୍ୟବସ୍ଥା ମଧ୍ୟ ରହିଛି ।

ନିକଟରେ ଆଇ. ଟି. ଆଇ. ମାନଙ୍କରେ ନାରୀମାନଙ୍କୁ ନାମ ଲେଖାଇବାପାଇଁ ସୁଯୋଗ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁସାରେ ଆଇ. ଟି. ଆଇ. କଟକରେ ଡ୍ରାଫ୍ଟସ୍‌ମ୍ୟାନ ମେକାନିକାଲ, ଡ୍ରାଫ୍ଟସ୍‌ମ୍ୟାନ ସିଭିଲ, ରେଡ଼ିଓ ମେକାନିକ୍ ପ୍ରଭୃତି ପ୍ରତ୍ୟେକ ବିଷୟମାନଙ୍କରେ ୫ ଜଣ ଛାତ୍ରୀ ନାମ ଲେଖାଇ ପାରିବେ । ସେହିପରି ଆଇ. ଟି. ଆଇ. ବ୍ରହ୍ମପୁରରେ ମଧ୍ୟ ଡ୍ରାଫ୍ଟସ୍‌ମ୍ୟାନ ମେକାନିକାଲ ସେହିପରି ରେଡ଼ିଓ ମେକାନିକ୍ ପ୍ରଭୃତି ପ୍ରତ୍ୟେକ ବିଷୟରେ ୫ ଜଣ ଜଣ ଛାତ୍ରୀଙ୍କୁ ଗ୍ରହଣ କରିବାର ବନ୍ଦୋବସ୍ତ କରାଯାଇଛି । ଏହାଛଡ଼ା ଅନ୍ୟ ପ୍ରତ୍ୟେକ ଆଇ. ଟି. ଆଇ. ରେ ଷ୍ଟେନୋଗ୍ରାଫି ଟ୍ରେଡ୍‌ରେ ଛାତ୍ରୀମାନେ ନାମ ଲେଖାଇ ପାରିବେ । ଏସବୁ ଛଡ଼ା କେତେଗୁଡ଼ିଏ ଘରୋଇ ତାଲିମ୍ ଅନୁଷ୍ଠାନ ନାରୀମାନଙ୍କୁ ସିଲାଇ ଏବଂ ଅନ୍ୟାନ୍ୟ ବୃତ୍ତିଗତ ଧନ୍ଦା ବିଷୟରେ ତାଲିମ୍ ଦିଅନ୍ତି । ଏହି ଅନୁଷ୍ଠାନ ମାନଙ୍କରୁ ବିଶେଷ କେତୋଟି ଅନୁଷ୍ଠାନମାନଙ୍କୁ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା ରହିଛି ।

ଏହିସବୁ ବିଭିନ୍ନ ବୈଷୟିକ ଶିକ୍ଷାଦାନର ଯେଉଁ ବ୍ୟବସ୍ଥାମାନ ରହିଛି ଆଶା କରାଯାଏ ଯେ, ଆମ ରାଜ୍ୟର ଶିକ୍ଷିତ ନାରୀମାନେ ଏହିସବୁ ବ୍ୟବସ୍ଥାର ସଦ୍‌ଉପଯୋଗ କରିବେ ।



ମୁଖ୍ୟ ଶିଳ୍ପ ନିର୍ଦ୍ଦେଶକ
(ବୈଷୟିକ ଶିକ୍ଷା ଏବଂ ତାଲିମ)
ଓଡ଼ିଶା, କଟକ

## ଶିଷ୍ଟ ଓ ବିଶିଷ୍ଟ

# ଡି ଭାସ୍କର ରାଓ

ତାଙ୍କୁ ଆପଣ ଦେଖିବେ ଭୁବନେଶ୍ୱର ରାଜଧାନୀର ଆଠନମ୍ବର ଇଉନିଟ୍ ଅତ୍ ଖଣ୍ଡିଏ ସାଇକେଲରେ ସକାଳ ନଅଟାରୁ ବୁଲୁଥିବେ । ସାଇକେଲ କାରିଏର୍‌ରେ ଗୋଟିଏ ବଡ ଟିଣବାକ୍ସ ଖୋଷାହୋଇଛି । ତା' ଭିତରେ ସିଗ୍ରେଟ ପାକେଟ ସବୁ । ଖଣ୍ଡିଏ ନାଲ ଚେକଥିଆ ଜାମା ଦେହରେ ଫୁଲପ୍ୟାଣ୍ଟ ଟିଏ ପିନ୍ଧି ସେ ଖୁବ୍ ନମ୍ରଭ ଅମାୟିକ ଦିଶନ୍ତି । ବୟସ ବାଇଶି ତେଇଶି ଭିତରେ । ନଅ ବର୍ଷ ହେଲା ସେ ଏଇ ସିଗ୍ରେଟ ବ୍ୟବସାୟ କରୁଛନ୍ତି । ତିନିଭାଇରେ ସବାସାନ ସେ । ଷଷ୍ଠଶ୍ରେଣୀ ଯାଏ ପାଠ ପଢିଥିଲେ । ଧର୍ମରେ ଖ୍ରୀଷ୍ଟିଆନ୍- ତେଲେଙ୍ଗା । କିନ୍ତୁ ଓଡିଶାରେ ବହୁ ପୁରୁଷ ଧରି ରହିଗଲେଣି । ଜଟଣୀରେ ନିଜଘର ଅଛି । ମାତ୍ର ସେଇ ଛୋଟଘରେ ବଡଭାଇ ଥାନ୍ତି । ସେ ଜଟଣୀ ଷ୍ଟେସନରେ ଖଲାସୀ କାମ କରନ୍ତି । ମଝିଆଁ ଭାଇ ଜଣେ କଣ୍ଟ୍ରାକଟରଙ୍କ ପାଖରେ ଚାକିରି କରି ପେଟ ପୋଷୁଛନ୍ତି ।



ଭାସ୍କର ରାଓ ନିଜ ବିଧବା ମାଆକୁ ନେଇ ରହନ୍ତି ରାଜଧାନୀରେ ଜଣେ ବନ୍ଧୁଙ୍କ ବାହାର ଘର କୋଠରୀ ଟିରେ । ସେ ଏଜେଣ୍ଟଙ୍କଠାରୁ ସିଗ୍ରେଟ ଆଣି—ରାଜଧାନୀର ଚାଳିଶଟି ଏରିଆରେ ପାନ ଦୋକାନମାନଙ୍କୁ ଦିଅନ୍ତି । ସନ୍ଧ୍ୟାବେଳେ ଯାଇ ସେମାନଙ୍କ ଠାରୁ ପଇସା ଅସୁଲ କରନ୍ତି । ଦିନକୁ ୫-୬ ଟଙ୍କା ପର୍ଯ୍ୟନ୍ତ ଲାଭ ହୁଏ । ସେତିକିରେ ଭାସ୍କର ରାଓ ନିଜେ ଚଳନ୍ତି ଓ ମାଆକୁ ପୋଷନ୍ତି ।

ଖୁବ୍ ସାଦାସିଧା ଲୋକଟିଏ । ନାକତଳେ ସରୁ ନିଶ । ଆଖିର ଦୃଷ୍ଟି ସରଳ ଓ ବିଶ୍ୱାସପ୍ରବଣ । ସେ ପାନ, ସିଗ୍ରେଟ, ଗୁଣ୍ଡି କିଛି ଖାଆନ୍ତିନାହିଁ । ସାଙ୍ଗସାଥୀଙ୍କ ସଙ୍ଗେ ମିଶି ଅଡ୍ଡା ଦେବାକୁ ତାଙ୍କର ସମୟ ନାହିଁ । ବେଳେ ବେଳେ ମାଆକୁ ନେଇ ସେ ସିନେମା ଦେଖି ଯାଆନ୍ତି ।


ପଇସା ବଳେ ନାହିଁ—ନିଜର ବଡ ଦୋକାନ ଖଣ୍ଡିଏ କରିବାକୁ, କିନ୍ତୁ ନିଜର ଦୋକାନଟିଏ କରିବାକୁ ଖୁବ ଇଚ୍ଛା ତାଙ୍କର । ବ୍ୟାଙ୍କରୁ ଋଣ ନେଇ ପାନ ଦୋକାନଟିଏ କରିବା କଥା ତାଙ୍କୁ କହିଲି । ସେ ହସି ହସି କହିଲେ—ହଉ-ଚେଷ୍ଟା କରିବି ।

ପ୍ରକୃତରେ ଭାସ୍କର ରାଓ ଜଣେ ଆଦର୍ଶ ଯୁବକ । ରାସ୍ତାଘାଟରେ ଏକମା ହୋଇ ବୁଲିବା ଅପେକ୍ଷା, ସେଭଳି ତମାସା କରିବା ଅପେକ୍ଷା ସେ ନିଜର ଜୀବନ ଚଳାଇ ଟଙ୍କା ରୋଜଗାର କରୁଛନ୍ତି ଓ ମାଆକୁ ପୋଷୁଛନ୍ତି ।

ବିବାହ କରିବେ କେବେ ବୋଲି ପଚାରିବାରୁ ସେ କହିଲେ କହିଲେ-ଆଗ ବ୍ୟାଙ୍କରୁ ଟଙ୍କା ଋଣ ନେଇ ଭଲ ପାନଦୋକାନ ଖଣ୍ଡିଏ କରିପାରେ—ତା'ପରେ ଯାଇ ବିବାହ କଥା ଭାବିବି ।

ଭାସ୍କର ରାଓଙ୍କ ଜୀବନ ସଂଗ୍ରାମ ଜୟ ମଣ୍ଡିତ ହେଉ । ତାଙ୍କର ଭବିଷ୍ୟତ ଜୀବନ ସୁଖମୟ ହେଉ ।

ମନୀଷା



ନିଖିଳ ଭାରତ କଂଗ୍ରେସ ଅଧିବେଶନ ଉପଲକ୍ଷେ ଗୌହାଟୀ ଉଦୟ ନଗରଠାରେ ନିର୍ମିତ ଓଡ଼ିଶା ମଣ୍ଡପ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବୁଲି ଦେଖୁଛନ୍ତି ।

ଆଜିର ଓଡ଼ିଶା

# ଆମ ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ କଣ ?



ଗୋଟିଏ ଦେଶର ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ କ'ଣ ? ତା'ହେଉଛି ସମାଜ କଲ୍ୟାଣ । ମାତ୍ର ତା'ମାନେ ନୁହେଁ ଯେ ଆମେ କେବଳ ସମାଜର ଦୁର୍ବଳ ଶ୍ରେଣୀ ବା ଶାରିରୀକ ଦୃଷ୍ଟିରୁ ବାଧିତ ବିକଳାଙ୍ଗ ମାନଙ୍କର କଲ୍ୟାଣ ସାଧନ କରିବୁ । ସମାଜ କଲ୍ୟାଣର ଅର୍ଥହେଲା ସମସ୍ତ ଭାବେ ସାମାଜିକ କଲ୍ୟାଣ । ଆମର ଏ ସବୁ ଯୋଜନା କାହିଁକି ? ଆମ ଲୋକଙ୍କର ବଂଚିବା ମାନଦଣ୍ଡ ବଢ଼ାଇବା ଓ ଦେଶକୁ ସବୁଦିଗରୁ ଦୃଢ଼ ଓ ସବଳ କରିବା ହେଉଛି ଆମର ଲକ୍ଷ୍ୟ । କେତେକ ଭାବନ୍ତି—ଗୋଟିଏ ସ୍ୱାଧୀନ ଦେଶ ତା'ର ସୈନ୍ୟବଳ ବୃଦ୍ଧିକଲେ ଯାଇ ଦୃଢ଼ ଓ ସବଳ ହେବ । ଆମର କିନ୍ତୁ ତାହା ଲକ୍ଷ୍ୟ ନୁହେଁ । ଆମେ ଅବଶ୍ୟ ଆମ ଉପରେ କାହାର ଆକ୍ରମଣକୁ ପ୍ରତିରୋଧ କରିବାର ଶକ୍ତି ନିଶ୍ଚୟ ଅର୍ଜନ କରିବୁ—କିନ୍ତୁ ଆମର ମୂଳ ଲକ୍ଷ୍ୟ ହେବା ଉଚିତ ଆମ ଲୋକଙ୍କର ଓ ସମାଜର ସର୍ବାଙ୍ଗୀନ ଉନ୍ନତି ସାଧନ ।

ଭାରତବର୍ଷକୁ ଦିଲ୍ଲୀ, ବମ୍ବେ, କଲିକତା ବୋଲି ବୁଝିବା ଭୁଲ । ଆମ ଗାଁ ମାନଙ୍କୁ ଆମକୁ ବୁଝିବାକୁ ହେବ । ଦୁଃଖର କଥା.....ଆମର ଗାଁ ମାନଙ୍କରୁ ପ୍ରତିଭାଶାଳୀ ବ୍ୟକ୍ତିମାନେ ସହରକୁ ପଳାଇ ଯାନ୍ତି । ଫଳରେ ଗ୍ରାମମାନଙ୍କୁ ସବୁ ଦିଗରୁ ଉନ୍ନତ କରିବା ଲାଗି କେହି ପଥ-ପ୍ରଦର୍ଶକ ନଥାନ୍ତି । ଶିକ୍ଷିତ ଓ ତାଲିମପ୍ରାପ୍ତ ବ୍ୟକ୍ତି ମାନଙ୍କର ବଂଚିବା ଲାଗି ଓ ବିକାଶ ଲାଗି ଆମକୁ ବର୍ତ୍ତମାନ ଗାଁ ଗୁଡ଼ିକର ଅବସ୍ଥାକୁ ଯଥେଷ୍ଟ ଉନ୍ନତ କରିବାକୁ ପଡ଼ିବ । ତେଣୁ ଆମ ନଗର ପରେ ନଗର ଗଢ଼ି ଚାଲିବା ଅପେକ୍ଷା—ଗାଁ ଗୁଡ଼ିକରେ ନଗରର ସବୁ ସୁବିଧା ସୃଷ୍ଟିକରିବା ଉଚିତ । ଆମେ ଏଠି ଦିଲ୍ଲୀରେ ବସି ଯେଉଁ ସବୁ ସମାଜକଲ୍ୟାଣ ମାନଦଣ୍ଡ ସ୍ଥିର କରିଛୁ, ସେଗୁଡ଼ିକ ଯେପରି ଗ୍ରାମବାସୀମାନଙ୍କ ପକ୍ଷରେ ହିତକର ହେବା ଉଚିତ । ଭାରତବର୍ଷରେ ବର୍ତ୍ତମାନ ୫,୫୦,୦୦୦ ରୁ ଅଧିକ ଗ୍ରାମ ରହିଛି । ଆମେ ଯେତେବେଳେ ଖାଠିଏ କୋଟି ଲୋକଙ୍କର ଅର୍ଥନୈତିକ ମାନ ବୃଦ୍ଧି କରିବାକୁ ଯୋଜନା କରୁଛୁ, ସେତେବେଳେ ଆମ ମନରେ ଯେପରି ଗୋଟିଏ କଥା ଥାଏ, ତା' ହେଉଛି ଏହି ବିପୁଳ ଲୋକସଂଖ୍ୟାର ଅଧିକାଂଶ ଲୋକ ଆମ ଗାଁମାନଙ୍କରେ ହିଁ ଅଛନ୍ତି । ତା'ଭିତରେ ପୁଣି ଆମକୁ ଆଦିବାସୀ, ହରିଜନ ଓ ଉପଜାତିମାନଙ୍କ କଥା ବେଶୀ ଭାବିବାକୁ ପଡ଼ିବ । ଅବଶ୍ୟ ସେମାନଙ୍କୁ ରାଜନୀତିକ, ଅର୍ଥନୀତିକ ଓ ସାମାଜିକ କ୍ଷେତ୍ରରେ ଅଧିକ ସୁବିଧା ଦିଆଯାଇଛି । ମାତ୍ର ବର୍ତ୍ତମାନ ଆମେ କୌଣସି ଜାତି-ବିଶେଷକୁ ଆଖି ଆଗରେ ରଖିବୁ ନାହିଁ । ବରଂ ଅର୍ଥନୈତିକ ଦୃଷ୍ଟିରୁ ଆମେ ବର୍ତ୍ତମାନ ସବୁକଥା ବିଚାର କରିବୁ । ଗରିବ ଶ୍ରେଣୀ ସବୁ ଜାତିରେ ଅଛନ୍ତି ଏବଂ ଦେଖାଯାଇଛି ପ୍ରାୟ ଅଧାରୁ ବେଶୀ ଲୋକ ଏହି ଅର୍ଥନୈତିକ ଅଭାବ ଭିତରେ ପଡ଼ିଛନ୍ତି । ଅଶୀଭାଗ ଲୋକଙ୍କୁ ସରକାରୀ ସାହାଯ୍ୟ ଦେଇ ସେମାନଙ୍କ ବଂଚିବାମାନ ବଢ଼ାଇ ହେବ ନାହିଁ । ତେଣୁ ଆମେ ଏମିତି ଭାବେ ଯୋଜନା ମାନ କରିବା ଯାହାଫଳରେ କି ଏହି ବିପୁଳଭାଗ ଦରିଦ୍ର ଲୋକେ ଉତ୍ପାଦନ କ୍ଷେତ୍ରରେ ଉପକୃତ ହୋଇ ପାରିବେ ।

ଏହା ଛଡ଼ା କୃଷକ କୁଳର ଉନ୍ନତି ଏବଂ କୃଷି ବ୍ୟବସ୍ଥାର ସଂସ୍କାର ଯେତେଶୀଘ୍ର ସମ୍ଭବ ହେବ ସେତେଭଲ । ଅବଶ୍ୟ ଶିଳ୍ପ ଓ ଶ୍ରମିକମାନଙ୍କ ସମସ୍ୟା ବି ବିଚାରକୁ ନେବାକୁ ହେବ । ଆମର ଭବିଷ୍ୟତର ସମୃଦ୍ଧି ଲାଗି ଶିଳ୍ପ ବ୍ୟବସ୍ଥାର ବ୍ୟାପକତା ଉପରେ ଜୋର ଦିଆଯିବ । ମାତ୍ର ଏକଥା ଭୁଲିଗଲେ ଚଳିବ ନାହିଁ ଯେ ଶିଳ୍ପ ସମୃଦ୍ଧିର ଭିତ୍ତି ହେଲା କୃଷିର ଉନ୍ନତି ।


ମୁଁ ହେଉଛି ଗାନ୍ଧୀ ଯୁଗର ଜଣେ ଅବଶେଷ । ଡକ୍ଟର ରାଓଙ୍କ ଭଳି ଅର୍ଥନୀତିଜ୍ଞମାନେ ଚରଖା ବିପ୍ଳବକୁ ହେୟ ଦୃଷ୍ଟିରେ ଦେଖିପାରନ୍ତି । ସେମାନେ କହିପାରନ୍ତି—ଏହି ଭାରି ଶିଳ୍ପ ଯୁଗରେ ସେ ସବୁର ମୂଲ୍ୟ କ'ଣ ? ଏ ଯୁକ୍ତିର ସତ୍ୟତା ଥାଇପାରେ । ମାତ୍ର ଗାନ୍ଧିଜୀ ଯାହା କରିଥିଲେ ତାହା ଅତ୍ୟନ୍ତ ମୌଳିକ ଓ ସଠିକ । ସେ ଭାରତର ଗାଁ ଗହଳକୁ ଦେଖିଥିଲେ । ସେମାନଙ୍କର ପ୍ରକୃତି ଓ ଜୀବନ ଯାତ୍ରାକୁ ବୁଝିଥିଲେ । ସେ ତେଣୁ କୁଟୀର ଶିଳ୍ପ ତତ୍ତ୍ୱ ଆବିଷ୍କାର କରିଥିଲେ । ଚରଖା ଗୋଟିଏ ପ୍ରତୀକମାତ୍ର । ଆମ ଆଗରେ ସେ ଏକ ଆଦର୍ଶ ରଖିଯାଇଛନ୍ତି—ଯେ ଆମେ ଗାଁ ଗହଳରେ କୁଟୀର ଶିଳ୍ପ ଗୁଡ଼ିକ ବଢ଼େଇ ଚାଲିବା ।


ମୁଁ ନିଜେ ଅବଶ୍ୟ ଜଣେ ଭାରି ଶିଳ୍ପପ୍ରସାରର ସମର୍ଥକ । ମାତ୍ର ମୁଁ ଏକଥା ମଧ୍ୟ ଠିକ୍‌ଭାବେ ଅନୁଭବ କରୁଛି କି ସହରାଞ୍ଚଳ ଗୁଡ଼ିକରେ ଭାରୀ ଶିଳ୍ପର ପ୍ରସାର ସଂଗେ ସଂଗେ ଗ୍ରାମାଞ୍ଚଳ ମାନଙ୍କରେ କୁଟୀର ଶିଳ୍ପ ଗୁଡ଼ିକର ଖୁବ୍ ବେଶୀ ପ୍ରସାର ହେବା ଉଚିତ । ତାହାହେଲେ ଯାଇ ଉଭୟ ଭିତରେ ଭାରସାମ୍ୟ ରହିବ । ସହର ଓ ମଫସଲ ଭିତରେ ଥିବା ବ୍ୟବଧାନ ଦୂର ହୋଇପାରିବ । ତଦ୍ୱାରା ଆଉ ଅଧିକ ଲୋକ କାର୍ଯ୍ୟପାଇଁ ସହରକୁ ପଳାଇ ଯାଇ ସହରରେ ସମସ୍ୟା ବୃଦ୍ଧି କରିବେ ନାହିଁ ।

ତା' ଛଡା ଭାରତ ଗୋଟିଏ ବିଚିତ୍ର ଦେଶ ଓ ଏଠି ବହୁଯୁଗର ସବୁକଥା ଏକାଠି ଗୋଟେଇ ମିଶି ରହିଛି ଓ ରହିବ । ତୁମେ ଦେଖିବ ଏ ଦେଶରେ ଏବେବି ଲୋକ ଅଛନ୍ତି ଯେଉଁମାନେ କି ବର୍ତ୍ତମାନ ମଧ୍ୟ ହଜାରବର୍ଷ ପୂର୍ବେ ତାଙ୍କର ପୂର୍ବ ପୁରୁଷ ଯେମିତି ଥିଲେ ସେମିତି ବଂଚୁଛନ୍ତି ଓ ସେପରି ବଂଚିବାକୁ ଭଲ ପାଉଛନ୍ତି । ତେଣୁ ଭାରତରେ ବର୍ତ୍ତମାନ ଦଶମ, ପଞ୍ଚଦଶ ଓ ବିଂଶ-ଶତାବ୍ଦୀ ଏକତ୍ର ଚାଲିଛି । ଏଠି ବହୁଭାଷା ଓ ଉପଜାତି ଏକତ୍ର ଅଛନ୍ତି । ଆଦିବାସୀମାନେ ମଧ୍ୟ ଅଛନ୍ତି । ଆଦିବାସୀ ମାନେ ଆମର ପ୍ରଚଳିତ ଅର୍ଥନୀତି ଭିତରେ ଗତି କରିନାହାନ୍ତି । ଆମଠାରୁ ସେମାନେ ସଭ୍ୟ ନହୋଇ ପାରନ୍ତି—ମାତ୍ର ମୋ ମତରେ ସେମାନଙ୍କ ଭିତରୁ ଅନେକେ ଅନ୍ତତଃ ମୋଠାରୁ ମଧ୍ୟ ମାନବିକତାରେ ଖୁବ୍ ମହାନ୍ । ସେମାନେ ଗଣତାନ୍ତ୍ରିକ ଜୀବନ ଧାରାରେ ଚଳନ୍ତି ଏବଂ ସେମାନେ ଆମଭଳି ଅନେକଙ୍କ ଅପେକ୍ଷା ଅଧିକ ସଂସ୍କୃତି—ସଚେତନ ମଧ୍ୟ ।

ଏମିତି ଏ ଦେଶ ବିରାଟ ଓ ଏହାତି ମହାନ । ଏହି ମହାନ ବିରାଟ ଓ ବିଚିତ୍ର ଜନସମାଜ ସଂଗେ ଆମେ କିପରି ବ୍ୟବହାର କରିବା ? ମୋଟାମୋଟି ଆମେ ଚାହୁଁ ପ୍ରତ୍ୟେକ ତାର ନିଜର ଗୁଣ ବା ପ୍ରତିଭାକୁ ଧରି ବିକାଶ ଲାଭ କରୁ । ଆମେ କାହା ଉପରେ କିଛି ଲଦି ଦେବାକୁ ଚାହୁଁ ନାହିଁ । ତେଣୁ ଆମକୁ ସଂଗଠିତ ଭାବେ ଏପରି ସୁଯୋଗ ସୃଷ୍ଟି କରିବାକୁ ହେବ ଯାହା ଭିତରେକି ପ୍ରତ୍ୟେକେ ନିଜ ଛାଏଁ ନିଜବାଟରେ ବିକାଶ ଲାଭ କରିବେ—ଉନ୍ନତି ଲାଭ କରିବେ ।

ଏହି ବିରାଟ ଜନତାର ଉନ୍ନତି କଲ୍ପେ ଯୋଜନା କରିବାକୁ ହେଲେ ଆମକୁ ଦୁଇଟି ବିଷୟ ଉପରେ ଲକ୍ଷ୍ୟ ରଖିବାକୁ ହେବ । ଗୋଟିଏ ହେଲା—ଆମେ ଏମିତି କେତେକ କାର୍ଯ୍ୟକ୍ରମ ଆରମ୍ଭ କରିଦେବୁ ଯାହାକି ସାଙ୍ଗେ ସାଙ୍ଗେ ଲୋକଙ୍କ ଉପକାରରେ ଆସିବ, ଏବଂ ତା' ସାଙ୍ଗକୁ ଏପରି କେତେକ ବିଶେଷ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେବୁ ଯାହାକି କିଂଚିତ୍ ଭିନ୍ନଭାବରେ ସମସ୍ତ ଦେଶ-ପାଇଁ ଲାଭଜନକ ହୋଇ ଉଠିବ ।




'ଝକମକ' ଶୁଭ୍ରତା ପାଇଁ
Supreme
det
detergent washing cake
for whiteness that 'Glows'
ସୁପ୍ରୀମ ଡେଟ୍ ଡିଟରଜେଣ୍ଟ ଧୋଲେଇ କେକ
ନୂଆ ଉନ୍ନତ ଡେଟ୍ କେକ ହେଉଛି ବଜାରରେ ମିଳୁଥିବା ଏକ ଉତ୍ତମ
ଡିଟରଜେଣ୍ଟ କେକ ।
ଏହାର ଅଧିକ ପରିଷ୍କାର କରିବାର ଶକ୍ତି, ଭରପୁର ଫେଣ ଓ ସୁଗନ୍ଧ ଏଭଳି
କେତେ ମହତ୍ତ୍ୱପୂର୍ଣ୍ଣ ଯାହା ଅନ୍ୟ କୌଣସି ଧୋଲେଇ କେକରେ ପାଇବେ ନାହିଁ !
ଆଜିହିଁ ବ୍ୟବହାର କରନ୍ତୁ ଓ ନିଜେ ଦେଖନ୍ତୁ !
ସୁପ୍ରୀମ ଡେଟ୍ କେକ ଦେବ ଚମକ ଶୁଭ୍ରତା
ସୁନ୍ଦର ଶୁଭ୍ରତା,
ଡେଟ୍‌ର ଶୁଭ୍ରତା
Shilpi-DM 7/76 Ori

# ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶ ଗ୍ରହଣ ଓ ଅଗ୍ରଗତି

ମୋହନଲାଲ ଅଗ୍ରୱାଲ୍, ବି. କମ୍.



ଶିଳ୍ପ କ୍ଷେତ୍ରରେ ମାଲିକ ଓ ଶ୍ରମିକ ଉଭୟେ ଏକ ଏକ ଅଂଶୀଦାର ଅଟନ୍ତି । ଶିଳ୍ପର ବୃହତ୍ତର ସ୍ୱାର୍ଥ ଚରିତାର୍ଥ କରିବା ନିମନ୍ତେ ଉଭୟଙ୍କୁ ନିଜସ୍ୱ ସ୍ୱାର୍ଥ ତ୍ୟାଗ କରିବାକୁ ପଡ଼ିଥାଏ । କିନ୍ତୁ ସେମାନେ ଯଦି ନିଜ ନିଜର ସ୍ୱାର୍ଥ ସାଧନରେ ବ୍ୟଗ୍ର ରହନ୍ତି, ତେବେ କେବଳ ଶିଳ୍ପ ସଂସ୍ଥାର ବୃହତ୍ତର ସ୍ୱାର୍ଥ ନୁହେଁ, ସମାଜର ଓ ଦେଶର ବୃହତ୍ତର ସ୍ୱାର୍ଥ ପୂର୍ତ୍ତିରେ ବାଧାବିଘ୍ନ ଉପୁଜିବ । ଏହି ଜନ୍ୟ କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କ ହୃଦୟରେ ବୋଧ କରାଇ ମଧୁର ସଂପର୍କ ଭାବ ଜଗାଇବା ନିମନ୍ତେ ଅନେକ ପରିକଳ୍ପନା ଉଦ୍‌ଘାଟିତ ହୋଇଛି । ସେମାନଙ୍କ ମଧ୍ୟରେ "ଶିଳ୍ପ ପରିଚାଳନରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ" ଏକ ଅଧୁନାତନ ଯୋଜନା । ଶ୍ରମିକମାନଙ୍କ ପ୍ରକୃତ ନ୍ୟାୟୋଚିତ ଦାବୀ ଓ ସୁବିଧାମାନ ପରିଚାଳନା କର୍ତ୍ତୃପକ୍ଷଙ୍କ ହୃଦୟଙ୍ଗମ କରାଇବା ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ସୁବିଧା ଅସୁବିଧା ଶ୍ରମିକମାନଙ୍କୁ ଉପଲବ୍ଧି କରାଇବା ଏହି ପରିକଳ୍ପନାର ଉଦ୍ଦେଶ୍ୟ । ଏହି ପରିକଳ୍ପନାର ଯଥାଯଥ କାର୍ଯ୍ୟକାରୀତା ଫଳରେ ପରିଚାଳନା ଓ ଶ୍ରମିକଙ୍କ ମଧ୍ୟରେ ଥିବା ସ୍ୱ-ସ୍ୱାର୍ଥ ଜନିତ ବାଦବିବାଦର ମୀମାଂସା ଶାନ୍ତିରେ ସମ୍ଭବ ହୋଇଥାଏ, ଯାହାଫଳରେ କି ସେମାନଙ୍କ ମଧ୍ୟରେ ଥିବା ମଧୁର ସଂପର୍କ ପ୍ରତିଷ୍ଠିତ ହୋଇ ରହିବା ସଂଗେ ସଂଗେ ଶିଳ୍ପର ବୃହତ୍ତର ସ୍ୱାର୍ଥ ସାଧନ ସହଜ ହୋଇଥାଏ ।

ଭାରତବର୍ଷରେ ଏହି ପରିକଳ୍ପନାଟି ସଂପୂର୍ଣ୍ଣ ଅଧୁନିକ । ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୭ ଖ୍ରୀ:ଅ:ରେ ଶିଳ୍ପବିବାଦ ଆଇନ୍ ପ୍ରଣୟନ ହେବା ପର୍ଯ୍ୟନ୍ତ ଶ୍ରମିକମାନଙ୍କର ଶିଳ୍ପ ପରିଚାଳନାରେ ଅଂଶ ଗ୍ରହଣ ସଂକ୍ରାନ୍ତରେ କୌଣସି ଗୁରୁତର ଓ କ୍ରମବଦ୍ଧ ଉଦ୍ୟମ ହୋଇନଥିଲା । ଉପରୋକ୍ତ ଆଇନ୍‌ରେ ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ମିତ୍ରତା ଓ ସୁସଂପର୍କ ସ୍ଥାପନ ପାଇଁ ପଦକ୍ଷେପ ପ୍ରବର୍ତ୍ତନ କରିବାର ଉଦ୍ଦେଶ୍ୟ ରଖାଯାଇ ୧୦୦ ବା [ତତୋଧିକ ଶ୍ରମିକ ନିଯୁକ୍ତି ଥିବା ଶିଳ୍ପ ସଂସ୍ଥାମାନଙ୍କରେ କାରଖାନା କମିଟିମାନ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରଖାଯାଇଥିଲା । ଏହିଠାରୁ ହିଁ ଭାରତରେ ଏହି ପରିକଳ୍ପନା ପ୍ରଚଳନର ଜନ୍ମ ହୁଏ । ଯଦିଓ ଉପରୋକ୍ତ କମିଟିମାନ ଗଠନ କରାଗଲେ, ଅନେକ ସଂସ୍ଥା ଏହି ବ୍ୟବସ୍ଥାକୁ ପରିତ୍ୟାଗ କଲେ, ଏବଂ ଯେଉଁ କେତେକ ସଂସ୍ଥାରେ ଏହା ରହିଲା, ସେଥିରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଆସି ପାରିଲା ନାହିଁ ।

ଦ୍ୱିତୀୟ ପଂଚବାର୍ଷିକ ଯୋଜନାର ପ୍ରାରମ୍ଭରେ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ଉପରେ ବିଶେଷ ଦୃଷ୍ଟିଦେଇ Joint Management Council ବା ମିଳିତ ଶ୍ରମିକ-ପରିଚାଳନା ପରିଷଦ ଗଠନ କରିବାକୁ ସିଦ୍ଧାନ୍ତ ନିଆଗଲା । ଫଳରେ ଉକ୍ତ ଯୋଜନାରେ ଏହି ପରିକଳ୍ପନା ଏକ ମୁଖ୍ୟ ସ୍ଥାନ

ଲାଭ କଲା । ଏହି ଯୋଜନା ଅନୁଯାୟୀ "A socialist society is built up not solely on monetary motives, but on ideas of service to society and the willingness on the part of the latter to recognise such service. It is necessary in this context that the worker should be made to feel that in his own way he is helping to build a progressive state. The creation of Industrial Democracy, therefore, is a pre-requisite for the establishment of a Socialist Society". ୧୯୫୬ ର Industrial Policy Resolution ମଧ୍ୟ ଶ୍ରମିକମାନଙ୍କୁ ଅଂଶୀଦାର ଭାବରେ ଗ୍ରହଣକରି ପରିଚାଳନାରେ ସେମାନଙ୍କ ଅଂଶ ଗ୍ରହଣ ପାଇଁ ଲକ୍ଷ୍ୟ ରଖିଥିଲା ।

ଏହି ପରିକଳ୍ପନାର ସଫଳ ରୂପାୟନ ନିମନ୍ତେ ୧୯୫୬ ଖ୍ରୀ:ଅ: ରେ ଶ୍ରୀବିଷ୍ଣୁସହାୟଙ୍କ ଅଧ୍ୟକ୍ଷତାରେ ଶ୍ରମିକ, ମାଲିକ ଓ ସରକାରଙ୍କର ପ୍ରତିନିଧି ବିଶିଷ୍ଟ ଏକ ଅଧ୍ୟୟନକାରୀ ଦଳ ନିଯୁକ୍ତି କରାଗଲା । ଏହି ଦଳ ଇଂଲଣ୍ଡ, ଫ୍ରାନ୍ସ, ବେଲ୍‌ଜିୟମ୍, ସ୍ୱିଡେନ, ଜର୍ମାନୀ, ଯୁଗୋସ୍ଲାଭିଆ ଆଦି ଦେଶମାନ ଭ୍ରମଣକରି ସମସ୍ୟାର କ୍ଷେତ୍ର ଅଧ୍ୟୟନ କରିଥିଲେ । ଏହି ଦଳ ୧୯୫୭ରେ ତାଙ୍କର ବିବରଣୀ ଦେଇଥିଲେ । ଏଥିରେ ଏହି ଦଳ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ବିଷୟରେ କେତେକ ଦୃଢ଼ ପରାମର୍ଶ ପ୍ରଦାନ କରିଥିଲେ ।

୧୯୫୭ ଖ୍ରୀ:ଅ: ରେ ଅନୁଷ୍ଠିତ ହୋଇଥିବା ୧୫ ଶତମ ଭାରତୀୟ ଶ୍ରମ ସମ୍ମିଳନୀରେ ଏହି ସମସ୍ୟା ଆଲୋଚନାରେ ସ୍ଥାନ ପାଇଥିଲା । ପ୍ରାରମ୍ଭିକ ଭାଷଣରେ ଶ୍ରମ, ନିଯୁକ୍ତି ଓ ଯୋଜନା କେନ୍ଦ୍ରମନ୍ତ୍ରୀ କହିଥିଲେ "the success of the experiment will be an earnest of our faith in industrial democracy without which a socialist pattern for India can have little meaning" ଉକ୍ତ ସମ୍ମିଳନୀରେ ଆଲୋଚିତ ହୋଇଥିଲା, ଏହି ପରିକଳ୍ପନାଟି କେତେକ ମୁଖ୍ୟ ଶିଳ୍ପ ସଂସ୍ଥାଗୁଡ଼ିକରେ କାର୍ଯ୍ୟକାରୀ କରାଯିବ । ତେଣୁ ଏହି ସମୟରେ ଏଥିପାଇଁ ଆଇନ ପ୍ରଣୟନର ଆବଶ୍ୟକତା ନାହିଁ । ଏଥିରେ ପୁଣି ସ୍ଥିର ହୋଇଥିଲା, ଉଭୟ ଗଣ-ଅର୍ଥନୀତି ଓ ଘରୋଇ ଅର୍ଥନୀତି କ୍ଷେତ୍ରରେ ୫୦ ଟି ଶିଳ୍ପ ସଂସ୍ଥାରେ ପରୀକ୍ଷାମୂଳକ ଭାବେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେବ । ସଂସ୍ଥା ମନୋନୟନ ଓ ସବିଶେଷ ବିବରଣୀ ପ୍ରସ୍ତୁତ କରିବା ନିମନ୍ତେ ଏକ ୪ ଜଣିଆ ଉପ-କମିଟି ନିଯୁକ୍ତି କରାଗଲା । ଏହି ଉପ-କମିଟି ନୂଆଦିଲ୍ଲୀରେ ଏକତ୍ରୀତ ହୋଇ ଉଭୟ କ୍ଷେତ୍ରରେ ବଡ଼ ବଡ଼ ଶିଳ୍ପମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଥିଲେ । ଘରୋଇ ଅର୍ଥନୀତି କ୍ଷେତ୍ରରୁ ଲୁଗା, ଝୋଟ, କାଗଜ, ଚିନି, ସିମେଣ୍ଟ, ଖଣି ଓ ଯନ୍ତ୍ର, ଧୂଆଁ ବା ଟବାକୋ ଆଦି ସଂସ୍ଥାଗୁଡ଼ିକ ଏବଂ ଗଣ-ଅର୍ଥନୀତି କ୍ଷେତ୍ରରୁ ରେଲୱେ କାର୍ଯ୍ୟଶାଳା ଓ ପ୍ରାଙ୍ଗଣ, ଡାକ ଓ ତାର, ବନ୍ଦର, ଜାହାଜ ପ୍ରାଙ୍ଗଣ, ପରିବହନ କାର୍ଯ୍ୟଶାଳା, ଛାପାଖାନା ଓ ବିଜୁଳି ସଂସ୍ଥାମାନଙ୍କୁ ମନୋନୀତ କରାଗଲା ।

୧୯୫୮ ଖ୍ରୀ:ଅ: ରେ ଅନୁଷ୍ଠିତ ହୋଇଥିବା ଶ୍ରମିକ ପରିଚାଳନା କର୍ତ୍ତୃପକ୍ଷ ସହଯୋଗ ଆଲୋଚନା ଚକ୍ରରେ ମିଳିତ ଶ୍ରମିକ ପରିଚାଳନା ପରିଷଦ ପୁଣି ଆଲୋଚନାର ମୁଖ୍ୟ ବସ୍ତୁ ରହିଥିଲା । ଏହି ଆଲୋଚନାରେ କେନ୍ଦ୍ର ମନ୍ତ୍ରଣାଳୟ, ରାଜ୍ୟ ସରକାର, ଶିଳ୍ପ ମାଲିକ ଓ ଶ୍ରମିକମାନଙ୍କ କେନ୍ଦ୍ର ଅନୁଷ୍ଠାନ ସମୂହ ଯୋଗଦାନ କରିଥିଲେ । ଉଲ୍ଲେଖନୀୟ ଏହା ଯେ, ଉପଦେଷ୍ଟା ପରିଷଦ ପ୍ରବର୍ତ୍ତନ ପାଇଁ ମନୋନୀତ ସଂସ୍ଥା ଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଆଲୋଚନାରେ ମତବ୍ୟକ୍ତ କରାଯାଇ ଥିଲାଯେ କାରଖାନା କମିଟି କାର୍ଯ୍ୟ କରୁଥିବା ସଂସ୍ଥାରେ ଏହି ମିଳିତ ପରିଷଦ ହସ୍ତକ୍ଷେପ କରିବା ଉଚିତ ନୁହେଁ । ମିଳିତ ପରିଷଦ ବିଷୟରେ ଆଲୋଚନା କରି ସୁପାରିଶ କରାଯାଇଥିଲାଯେ ଏହି ପରିଷଦର ସଦସ୍ୟ ସଂଖ୍ୟା ୧୨ ରହିବା ଉଚିତ ତଥା ମାଲିକ ଓ ଶ୍ରମିକମାନଙ୍କ ସମ ସଂଖ୍ୟକ ପ୍ରତିନିଧି ରହିବା ଆବଶ୍ୟକ । ପ୍ରତ୍ୟେକ କ୍ଷେତ୍ରରେ ସଂସ୍ଥାସ୍ତରରେ ଏହା ପ୍ରତିଷ୍ଠିତ ହେବ ଓ ଏହାର ନିଷ୍ପତ୍ତି ସର୍ବସମ୍ମତ ହେବ । ମାଲିକ ଓ ଶ୍ରମିକମାନଙ୍କ ପ୍ରତିନିଧିଙ୍କୁ ପରିଚାଳନାରେ ଅଂଶ ଗ୍ରହଣ ବିଷୟରେ ତାଲିକା ପ୍ରଦାନ କରାଯିବା ଉଚିତ । ବିଶେଷଜ୍ଞ ଉପଦେଶ ପ୍ରଦାନ ନିମନ୍ତେ ଶ୍ରମିକ ଓ ମାଲିକ ସଂଗଠନ ମାନଙ୍କଦ୍ୱାରା ମନୋନୀତ ଏକ ସର୍ବଭାରତୀୟ ବିଶେଷଜ୍ଞଦଳ ନିଯୁକ୍ତି ହେବା ବାଞ୍ଛନୀୟ ।

କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟଙ୍କ ଆନୁକୂଲ୍ୟରେ ୧୯୬୦ ଖ୍ରୀ:ଅ:ରେ ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ବିଷୟରେ ଦ୍ୱିତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ମତବ୍ୟକ୍ତ କରାଯାଇଥିଲାଯେ, ମିଳିତ ପରିଷଦ ଯୋଜନା କୃତକାର୍ଯ୍ୟ ହୋଇ ପାରିନଥିଲା, କାରଣ ଏହାର ପ୍ରତିଷ୍ଠା ୫୦ଟି ସଂସ୍ଥାରେ ଲକ୍ଷ୍ୟ ଧାର୍ଯ୍ୟ ଥିଲେ ମଧ୍ୟ କେବଳ ୨୫ଟି ସଂସ୍ଥାରେ ପ୍ରତିଷ୍ଠା କରାଯାଇ ପାରିଥିଲା । ପୁଣି ପଠିତ ଉକ୍ତ ପରିଷଦମାନଙ୍କୁ ଉପଦେଶ ପ୍ରଦାନ କରିବା କଳ୍ପେ ଏକ ବିଶେଷଜ୍ଞଦଳର ନିଯୁକ୍ତି ହୋଇଥିଲା । ଏହି ଦଳର ଉପଦେଶ କେହି କୌଣସି ପରିଷଦ ନେଇ ନଥିଲେ । ଏହି ଆଲୋଚନାଚକ୍ରରେ କରାଯାଇଥିବା ପ୍ରଧାନ ସୁପାରିଶ ଗୁଡ଼ିକ ହେଲା, ଏହି ପରିକଳ୍ପନା ସ୍ୱେଚ୍ଛାକୃତ ହେବା ଉଚିତ ଏବଂ ଆଇନ ପ୍ରଣୟନର ମୋଟେ ଆବଶ୍ୟକତା ନାହିଁ, ପରିକଳ୍ପନା ସ୍ଥାପନପାଇଁ କେନ୍ଦ୍ର ତଥା ରାଜ୍ୟସ୍ତରରେ ଉପଯୁକ୍ତ କଳ ସ୍ଥାପିତ ହେବା ଉଚିତ, ସମୟାନୁକ୍ରମେ ପରିକଳ୍ପନାର ଅଗ୍ରଗତି ଅନୁଧ୍ୟାନ ଓ ଉପଯୁକ୍ତ ସୁପାରିଶ କରିବାପାଇଁ ଏକ କ୍ଷୁଦ୍ର ତ୍ରିପକ୍ଷୀୟ କମିଟି ଗଠନ କରାଯିବା ଉଚିତ । ମାତ୍ର ମିଳିତ ପରିଷଦ ପ୍ରତିଷ୍ଠା ଦିଗରେ ସନ୍ତୋଷଜନକ ଅଗ୍ରଗତି ହୋଇ ପାରିନାହିଁ । ପ୍ରାରମ୍ଭରେ ୧୯୫୭ ଖ୍ରୀ:ଅ:ରେ ୫୦ଟି ସଂସ୍ଥାରେ ଏହାର ପ୍ରବର୍ତ୍ତନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେହେଁ, ୧୯୫୮ ଖ୍ରୀ:ଅ:ରେ ୨୬ଟି, ୧୯୬୧ ଖ୍ରୀ:ଅ:ରେ ୨୯ଟି, ୧୯୬୩ ଖ୍ରୀ:ଅ:ରେ ୬୬ଟି, ୧୯୬୫ ଖ୍ରୀ: ଅ:ରେ ୯୯ ଓ ୧୯୬୭ ଖ୍ରୀ: ଅ: ରେ ୧୬୨ଟି ପରିଷଦ ଗଠନ କରାଯାଇଥିଲା । କିନ୍ତୁ ପରେ ଏହାର ସଂଖ୍ୟା ହ୍ରାସ ପାଇବାକୁ ଲାଗିଲା ଏବଂ ୧୯୬୯ ଖ୍ରୀ: ଅ: ରେ ୮୪ଟି, ୧୯୭୦ ଖ୍ରୀ:ଅ: ରେ ୮୬ଟି ଓ ୧୯୭୧ (ଜାନୁୟାରୀ) ଖ୍ରୀ: ଅ: ରେ ୮୦ ପର୍ଯ୍ୟନ୍ତ ଖସି ଆସିଥିଲା ।

୧୯୬୭ ଖ୍ରୀ:ଅ: ରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟଙ୍କ ଦ୍ୱାରା ଏହି ପରିକଳ୍ପନାର କାର୍ଯ୍ୟକରଣର ମୂଲ୍ୟାଙ୍କନ କରାଯାଇଥିଲା, ଏବଂ ମିଳିତ ପରିଷଦ ଗୁଡ଼ିକୁ ଶକ୍ତିଶାଳୀ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅଥଚ ଘରୋଇ ସଂସ୍ଥା ଅପେକ୍ଷା ଗଣ-ସଂସ୍ଥା ମାନଙ୍କରେ ଗଣ ସଂସ୍ଥାମାନଙ୍କ ମଧ୍ୟରେ ପରିଷଦ କମ୍ ସଂଖ୍ୟାରେ ପ୍ରତିଷ୍ଠିତ ହୋଇଥିବାରୁ ଅଧିକ ଗଣ-ସଂସ୍ଥାମାନଙ୍କରେ ପରିଷଦ ପ୍ରତିଷ୍ଠା କରିବାକୁ ଓ ପ୍ରାସଙ୍ଗିକ ସର୍ବଶେଷ ବିବରଣୀ ପ୍ରସ୍ତୁତ କରି ଶିଳ୍ପ ପରିଚାଳନା କର୍ତ୍ତୃପକ୍ଷମାନଙ୍କୁ ସାହାଯ୍ୟ କରିବାପାଇଁ ଉକ୍ତ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର ଉପ-ବିଭାଗ ସ୍ଥାପନ କରିଅଛନ୍ତି, ମାତ୍ର ଦୁଃଖର ବିଷୟ ୧୯୬୯ ଖ୍ରୀ: ଅ: ରେ ଜାତୀୟ ଶ୍ରମ କମିଶନଙ୍କ ମନ୍ତବ୍ୟ ଅନୁସାରେ ମିଳିତ ପରିଷଦର ପ୍ରତିଷ୍ଠା ସଫଳ ହୋଇ ପାରିନାହିଁ । ଏହି ପରିକଳ୍ପନାର ସଫଳ ରୂପାୟନ କ୍ଷେତ୍ରରେ ଉଭୟ ମାଲିକ ଓ ଶ୍ରମିକଙ୍କର ଉଦାସୀନତା ମଧ୍ୟ ପରିଲକ୍ଷିତ ହୋଇଥିଲା । ଉକ୍ତ କମିଶନଙ୍କ ମତରେ ଏହି ପରିକଳ୍ପନାର ଭବିଷ୍ୟତ ଶ୍ରମିକ ସଂଗଠନ ପ୍ରତିଷ୍ଠାର ବିକାଶ ଉପରେ ନିର୍ଭର କରେ । ପ୍ରଶାସନିକ ସଂସ୍କାର କମିଶନର ଗଣ-ସଂସ୍ଥା ଅଧ୍ୟୟନକାରୀ ଦଳ ମଧ୍ୟ ତାଙ୍କ ବିବରଣୀରେ ଏକଥା ଉଲ୍ଲେଖ କରି କହିଛନ୍ତିଯେ ମିଳିତ ପରିଷଦ ପରିକଳ୍ପନାର ବିଶେଷ ଅଗ୍ରଗତି ହୋଇ ପାରିନାହିଁ । ପୁଣି ସୁପାରିଶ କରିଥିଲେଯେ ଏହାର ପ୍ରତିଷ୍ଠା ଦିଗରେ ଗଣ-ସଂସ୍ଥାମାନ ବିଶେଷ ଉତ୍ସାହ ସହ ଆଗେଇ ଆସିବା ଉଚିତ । ପରିତାପର ବିଷୟ ଗଣ ଆର୍ଥନୀତି କ୍ଷେତ୍ରରେ ଦେଶରକ୍ଷା, ଆଣବିକ ଶକ୍ତି ଆଦିସହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ବ୍ୟତିତ ଅନ୍ୟ ସଂସ୍ଥାମାନଙ୍କରେ ପରିଚାଳନା ମଣ୍ଡଳୀରେ ଶ୍ରମିକ ପ୍ରତିନିଧି ନିଯୁକ୍ତିପାଇଁ ତା ୨୭।୭।୬୧ରେ କେନ୍ଦ୍ର ମନ୍ତ୍ରୀମଣ୍ଡଳଙ୍କ ଦ୍ୱାରା ଅନୁମୋଦିତ ଏକ ପରିକଳ୍ପନା ମଧ୍ୟ ସଂଶ୍ଳିଷ୍ଟ ମନ୍ତ୍ରଣାଳୟ ଓ ବିଭାଗର ଉଦାସୀନତା ଫଳରେ ବିପର୍ଯ୍ୟୟ ଲାଭକଲା ।

ଉପରୋକ୍ତ ବିଷୟରୁ ଜଣାଯାଏ, ଭାରତରେ ଶ୍ରମିକମାନଙ୍କର ଶିଳ୍ପ ପରିଚାଳନାରେ ଅଂଶ ଗ୍ରହଣ ଆନ୍ଦୋଳନର ବିଶେଷ ଅଗ୍ରଗତି ହୋଇ ପାରିନାହିଁ । ଫଳରେ ଶିଳ୍ପ କ୍ଷେତ୍ରରେ ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ମଧୁର ସଂପର୍କ, ଭାତୃଭାବ, ଶୃଙ୍ଖଳା ଆଦିର ଅଭାବ ଅନୁଭୂତ ହେଲା । ଏପରିକି ଦେଶରେ ଜରୁରୀକାଳୀନ ପରିସ୍ଥିତିର ପୂର୍ବ ସମୟରେ ଦେଶରେ ଶିଳ୍ପକ୍ଷେତ୍ରରେ ବିଶୃଙ୍ଖଳା ପ୍ରଚୁର ପରିମାଣରେ ବଢ଼ି ଯାଇଥିଲା, ଧର୍ମଘଟ, ତାଲାବନ୍ଦ ଆଦି ମଧ୍ୟ ଲାଗି ରହିଲା । ଫଳତଃ ଲକ୍ଷ ଲକ୍ଷ ଶ୍ରମିକଦିନ ନଷ୍ଟ ହେବାକୁ ଲାଗିଲା । ୧୯୭୩-୭୪ରେ ୩୦ ନିୟୁତ ଶ୍ରମିକଦିନ ଏବଂ ୧୯୭୫ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ୧୩.୪ ନିୟୁତ ଶ୍ରମିକଦିନ ନଷ୍ଟ ହେଲା । ଠିକ୍ ଏହି ସମୟରେ ଶିଳ୍ପକ୍ଷେତ୍ରରେ ଅନ୍ଧକାରମୟ ଆକାଶରେ ଆଲୋକର ଉତ୍ସ ଅନୁଭୂତ ହେଲା—ତା ୨୬।୬।୭୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରିର ଘୋଷଣା କରାଗଲା । କିଛି ସମୟପରେ ଜ୍ୟୋତିର୍ମୟ ସୂତ୍ରଙ୍କ ଆବିର୍ଭାବ ହେଲା । ଭାରତର ପ୍ରିୟ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ

ସମାଜବାଦୀ ନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର କାଳଜୟୀ ଯୁଗ ପ୍ରବର୍ତ୍ତକ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମର ଘୋଷଣା ତା ୧।୭।୭୫ରେ ବଜ୍ର ଗମ୍ଭୀର ସ୍ୱରରେ ନିର୍ଘୋଷିତ ହେଲା । ଏହି କାର୍ଯ୍ୟକ୍ରମର ପନ୍ଦର ନମ୍ବର କ୍ରମ୍‌ରେ ସ୍ଥାନ ପାଇଲା "ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ" ।

ଫଳତଃ ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶ ଗ୍ରହଣର ସଫଳ ରୂପାୟନ ପାଇଁ ଦୃଢ଼ ପଦକ୍ଷେପମାନ ଗ୍ରହଣ କରାଗଲା । ଏଥିରେ କାର୍ଯ୍ୟଶାଳା (Shop) ଓ ବିଭାଗ (Department) ସ୍ତରରେ କାର୍ଯ୍ୟଶାଳା ପରିଷଦ (Shop Council) ଏବଂ ପ୍ଲାଣ୍ଟ ଓ ବ୍ୟବସାୟ ସଂସ୍ଥା (Plant and Enterprise) ସ୍ତରରେ ମିଳିତ ଶ୍ରମିକ ପରିଚାଳନା ପରିଷଦ ପ୍ରତିଷ୍ଠାର କାର୍ଯ୍ୟକ୍ରମ ରହିଲା । ଏହି ବ୍ୟବସ୍ଥା ୫୦୦ ବା ତଦୁର୍ଦ୍ଧ୍ୱ ଶ୍ରମିକ ଥିବା ପ୍ରତ୍ୟେକ ଶିଳ୍ପ ସଂସ୍ଥାରେ ଲାଗୁ କରାଯାଇଛି ।

କାର୍ଯ୍ୟଶାଳା ଓ ବିଭାଗ ସ୍ତରରେ ଗଠିତ କାର୍ଯ୍ୟଶାଳା ପରିଷଦ ପ୍ରତ୍ୟେକ କାର୍ଯ୍ୟଶାଳା ଓ ବିଭାଗରେ ପ୍ରତିଷ୍ଠିତ ହେବ । ଏହି ପରିଷଦରେ ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ସମାନ ସଂଖ୍ୟକ ପ୍ରତିନିଧି ରହିବେ । ଶ୍ରମିକ ପ୍ରତିନିଧିମାନେ ସଂପୃକ୍ତ କାର୍ଯ୍ୟଶାଳା ବା ବିଭାଗରେ କାର୍ଯ୍ୟ କରୁଥିବା ଆବଶ୍ୟକ । ଏଥିରେ ଥିବା ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଏକମାସ ମଧ୍ୟରେ କାର୍ଯ୍ୟକାରୀ ହେବ । ଏହି ପରିଷଦର କାର୍ଯ୍ୟକାଳ ୨ବର୍ଷ ଅଟେ । ପ୍ରତ୍ୟେକ ପରିଷଦଦ୍ୱାରା ଏହାର ଆଲୋଚନା ପରିସରଭୁକ୍ତ ବିଷୟଗୁଡ଼ିକ ହେଲା ଲକ୍ଷ୍ୟାଧାର୍ଯ୍ୟ ପରିମାଣର ଜିନିଷ ଉତ୍ପାଦନ, ଉତ୍ପାଦିକା ଶକ୍ତିର ବର୍ଦ୍ଧନ, ନଷ୍ଟ ନିବାରଣ, ଆବଶ୍ୟକୀୟ ଦୁର୍ଘଟଣା ନିବାରଣ ତଥା ନିରାପତ୍ତା ବ୍ୟବସ୍ଥା ଗ୍ରହଣ, କାର୍ଯ୍ୟଶାଳାରେ ଶୃଙ୍ଖଳା ରକ୍ଷା କରିବା, କାର୍ଯ୍ୟଶାଳାର ପାରିପାର୍ଶ୍ୱିକ ଅବସ୍ଥା ଯଥା ଆଲୋକ, ବାୟୁ ଚଳାଚଳ, ପରିଚ୍ଛନ୍ନତା ଆଦି କାର୍ଯ୍ୟ ବ୍ୟବସ୍ଥା ।

ପ୍ଲାଣ୍ଟ ବା ବ୍ୟବସାୟ ସଂସ୍ଥା ସ୍ତରରେ ପ୍ରତିଷ୍ଠିତ ହେଉଥିବା ମିଳିତ ଶ୍ରମିକ-ପରିଚାଳନା ପରିଷଦ (Joint Management Council)ର କାର୍ଯ୍ୟକାଳ ମଧ୍ୟ ୨ବର୍ଷ ଅଟେ । ଏହି ପରିଷଦରେ ମଧ୍ୟ ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କ ସମାନ ସଂଖ୍ୟକ ପ୍ରତିନିଧି ରହିବେ ପ୍ରତି ୭ ମାସରେ ଏହି ପରିଷଦର ବୈଠକ ବସିବାର ବ୍ୟବସ୍ଥା ରଖାଯାଇଛି । ପରିଷଦ ନିର୍ଦ୍ଧାରଣ କରୁଥିବା କାର୍ଯ୍ୟକ୍ରମ ଏକମାସ ମଧ୍ୟରେ କାର୍ଯ୍ୟକାରୀ ହେବ । କାର୍ଯ୍ୟଶାଳା ପରିଷଦର ଅନିର୍ଦ୍ଧାରିତ ବିଷୟମାନ, ଶ୍ରମିକଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣ ବ୍ୟବସ୍ଥା, ଛୁଟି ଓ କାର୍ଯ୍ୟଦିନ ନିର୍ଦ୍ଧାରଣ, ପୁରସ୍କାର ପ୍ରଦାନ, ଉତ୍ପାଦନ କ୍ଷମତା ବର୍ଦ୍ଧନ, ଶ୍ରମିକଙ୍କ ସ୍ୱାସ୍ଥ୍ୟ, ହିତକର ଓ ନିରାପତ୍ତା ବ୍ୟବସ୍ଥା ଆଦି ବିଷୟମାନ ଏହି ପରିଷଦର ଆଲୋଚନାର ବିଷୟ ବସ୍ତୁ ।


ପ୍ରତ୍ୟେକ ସଂସ୍ଥାରେ କାର୍ଯ୍ୟଶାଳା ପରିଷଦ ଓ ମିଳିତ ଶ୍ରମିକ-ପରିଚାଳନା ପରିଷଦ ବ୍ୟତୀତ ଶ୍ରମିକ-ପରିଚାଳନା ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ଅଧିନାୟକତ୍ୱରେ ଏକ ସ୍ଥାୟୀ ସେକ୍ରେଟେରୀଏଟ୍ ମଧ୍ୟ ଗଠନ କରାଯିବାର ବ୍ୟବସ୍ଥା ରଖା ଯାଇଛି । ଏହା ବ୍ୟତୀତ ଜାତୀୟ ସ୍ତରରେ ଷ୍ଟିଲ୍ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଏକ ମିଳିତ ପରାମର୍ଶ କମିଟି ଗଠନ କରାଯାଇଛି ।

ଉପରୋକ୍ତ କାର୍ଯ୍ୟକ୍ରମ ଉଭୟ ଗଣ-ସଂସ୍ଥା ଓ ଘରୋଇ-ସଂସ୍ଥାମାନଙ୍କରେ କାର୍ଯ୍ୟକାରୀ ହେଉଛି । ଏହି ପରିକଳ୍ପନାକୁ ୨୮ଟି କେନ୍ଦ୍ର ସରକାରୀ ସଂସ୍ଥା ଓ ୧୪୧ଟି କେନ୍ଦ୍ର ଅଧୀନସ୍ଥ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୭୨୪ଟି କୋଇଲାଖଣିରେ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶର ୫୭ଟି ସଂସ୍ଥା, ଗୁଜରାଟର ୯୧ଟି, ହରିଆନାର ୪୨ଟି, ମଧ୍ୟ ପ୍ରଦେଶର ୪୫ଟି, ମହାରାଷ୍ଟ୍ରର ୮୧ଟି, ତାମିଲନାଡୁର ୧୭୯ଟି ଏବଂ କର୍ଣ୍ଣାଟକର ୧୬୦ଟି ଶିଳ୍ପ ସଂସ୍ଥାରେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଏହା ବ୍ୟତୀତ ଉତ୍ତର ପ୍ରଦେଶର ୧୪୫ଟି ଶିଳ୍ପସଂସ୍ଥା, ଦିଲ୍ଲୀର ୫ଟି, ଗୋଆର ୧ଟି, ଜାମ୍ମୁ ଓ କାଶ୍ମୀରର ୧ଟି, ହିମାଞ୍ଚଳ ପ୍ରଦେଶର ୨ଟି, ଚଣ୍ଡୀଗଡ଼ର ୩ଟି, ଆଣ୍ଡାମାନ ଓ ନିକୋବରର ୩ଟି, ବିହାରର ୭୨ଟି, ରାଜସ୍ଥାନର ୩୨ଟି ଓ ଓଡ଼ିଶାର ୨୫ଟି ସଂସ୍ଥାରେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ସୁଖର କଥା ଏହି ପରିକଳ୍ପନାର ପରିସରଭୁକ୍ତ ନଥିବା ୭୦ଟି ଶିଳ୍ପ ସଂସ୍ଥା ମଧ୍ୟ ଅତ୍ୟନ୍ତ ଆଗ୍ରହର ସହିତ ଏହାକୁ କାର୍ଯ୍ୟକାରୀ କରୁଛନ୍ତି । ଏହିପରି ଭାବରେ ପ୍ରାୟ ଦେଶର ୧,୫୦୦ଟି ସଂସ୍ଥାରେ ଏହା କାର୍ଯ୍ୟକାରୀ ହେଉଛି ଏବଂ ଏତଦ୍ୱାରା ପ୍ରାୟ ୯୦,୦୦୦ ଶ୍ରମିକ ଉପକୃତ ହେଉଛନ୍ତି । ଆଉ ମଧ୍ୟ ଆନନ୍ଦର କଥା ଯେ କେତେକ ରାଜ୍ୟ ଏହି ପରିକଳ୍ପନାର ସଫଳ ରୂପାୟନରେ ଦୃଢ଼ବ୍ରତୀ ହୋଇ

୫୦୦ରୁ ମଧ୍ୟ କମ୍ ଶ୍ରମିକ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରିଛନ୍ତି । କେତେକ ରାଜ୍ୟ ଯଥା—ଓଡ଼ିଶା, ହରିଆନା, ପଞ୍ଜାବ, ରାଜସ୍ଥାନ ଆଦି ରାଜ୍ୟରେ ସେଠାର ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ଏକ ଏକ କମିଟିମାନ ଗଠନ କରାଯାଇଛି । ଉକ୍ତ କମିଟିମାନ ପରିକଳ୍ପନାର କାର୍ଯ୍ୟକ୍ରମର ଉନ୍ନତିର ସମୀକ୍ଷା କରିବେ ।

ଉପରୋକ୍ତ ପଦକ୍ଷେପମାନ ଗ୍ରହଣ କରିବା ଫଳରେ ପ୍ରଭୁତ ଉନ୍ନତି ସାଧିତ ହୋଇଛି । ତାଲା ବନ୍ଦ, ଧର୍ମଘଟ, ଶ୍ରମିକ ଦିନ ନଷ୍ଟ ସଂପୂର୍ଣ୍ଣରୂପେ ବନ୍ଦ ହୋଇଛି । କାରଖାନାମାନଙ୍କରେ ଶାନ୍ତିଶୃଙ୍ଖଳାର ବାତାବରଣ ଖେଳିଯାଇଛି । ଉତ୍ପାଦନ ତଥା ଉତ୍ପାଦିକା ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଛି । ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ମଧୁର ସଂପର୍କ ଓ ସଦ୍‌ଭାବ ବୃଦ୍ଧି ପାଇଛି । ସର୍ବୋପରି କାରଖାନା ମାନଙ୍କରେ ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଛି । ରାଉରକେଲା ଇସ୍ପାତ କାରଖାନା ହେଉଛି ଏହାର ଜାଜ୍ୱଲ୍ୟମାନ ଉଦାହରଣ ।

ଶ୍ରୀ ରାମକୁମାର ଅଗ୍ରୱାଲ, ସମ୍ପାଦକ
ବଲାଙ୍ଗୀର



# ଫସଫୋମିନ୍

**ସାରା ପରିବାରର**
**ସ୍ୱାସ୍ଥ୍ୟ ପାଇଁ ଫସଫୋମିନ**

**ସୁସ୍ଥ ରହିଲେ ଶରୀର,**
**ଜୀବନ ହୁଏ ମଜାଦାର**

ଫସଫୋମିନ । ସବୁଜ ରଙ୍ଗର ଫଳର ସ୍ୱାଦରେ ଭରା ଭିଟାମିନ ଟନିକ । ଭୋକ ବଢ଼ାଏ । ସ୍ଫୁର୍ତ୍ତି ଆଣେ । ଶକ୍ତି ବଢ଼ାଏ । ରୋଗର ମୁକାବିଲା କରିବା ପାଇଁ ଶରୀରରେ ପ୍ରତିରୋଧକ ଶକ୍ତି ଗଢ଼ି ତୋଳେ । ସାରା ପରିବାରର ସୁସ୍ଥ ଓ ସ୍ଫୁର୍ତ୍ତିପୂର୍ଣ୍ଣ ରଖେ ।




SARABHAI CHEMICALS LTD.


Shilpi SC-2A/76 ori

# ତାଳଚେର ସାରକାରଖାନା ନିର୍ମାଣ କାମର ଅଗ୍ରଗତି

ଗତ ୧୦ ତାରିଖରେ ତାଳଚେରର ବଳନ୍ଦାଠାରେ ନିର୍ମିତ ହେଉଥିବା ସାର କାରଖାନାରେ ବଏଲର ମେସିନ କାମ ଆରମ୍ଭ କଲା । ତାଳଚେର ସାର କାରଖାନା ଯୋଜନାର ଜେନେରାଲ ମ୍ୟାନେଜର ଶ୍ରୀ ବି. ଏନ. ବିଶ୍ୱାସ ଏହାକୁ ଉଦ୍‌ଘାଟନ କରିବାକୁ ଯାଇ ଆଶା ପ୍ରକାଶ କରିଛନ୍ତି ଯେ ୧୯୭୭ ଶେଷ ବେଳକୁ ତାଳଚେର ସାର କାରଖାନାରେ ଇଉରିଆ ସାର ବଜାରରେ ବିକ୍ରି କରାଯିବା ଭଳି ପରିମାଣରେ ଉତ୍ପାଦିତ ହେବ ।

ଏବେ ଗତ ୧୦ ତାରିଖଠାରୁ ଯେଉଁ ବଏଲର ମେସିନ କାମ ଆରମ୍ଭ କରିଅଛି, ତହିଁରୁ ଘଣ୍ଟାପ୍ରତି ୧୫ କେ.ଜି. ସେଣ୍ଟିମିଟର ଉପରେ ୯ ଦଶମିକ ୩୧ ଟନ ଷ୍ଟିମ ବାହାରିବ । ସର୍ଭିସ ବଏଲର ଓ ୱେଷ୍ଟ ହିଟ ବଏଲରଗୁଡ଼ିକରୁ ଏସିଡ଼ ସଫା କରିବା କାମରେ ଏହି ଷ୍ଟିମକୁ ବ୍ୟବହାର କରାଯିବ । ଏସିଡ଼ ସଫା କରିବା ଶେଷ ହେବା ପରେ ସମଗ୍ର କାରଖାନାରେ ବିଭିନ୍ନ ସହାୟକ ଯନ୍ତ୍ରପାତିରୁ ଏସିଡ଼ ସଫା କରିବା କାମରେ ଏହି ଷ୍ଟିମକୁ ବ୍ୟବହାର କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଫର୍ଣ୍ଣେସ୍ ତେଲରେ ଏହି ବଏଲରକୁ ଚାଲୁ କରାଯାଉଛି । ଏହାର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ।

ଏହି ବଏଲର ଉଦ୍‌ଘାଟନର ଠିକ ୭ ଦିନ ପରେ ଗତ ୧୭ ତାରିଖରେ ଶ୍ରୀ ବିଶ୍ୱାସ କାରଖାନାର ଏମରଜେନ୍‌ସି ପାୱାର ହାଉସ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହି ପାୱାର ହାଉସରେ ଗୋଟିଏ ୭୫୮ କିଲୋୱାଟ ଡ଼ିଜେଲ ଜେନେରେଟର ସେଟ ଓ ଦୁଇଟି ୪୦ କିଲୋୱାଟ ଜେନେରେଟର ଅଛି । କାରଖାନାର କୌଣସି ପ୍ଲାଣ୍ଟ ବା ସେକ୍‌ସନରେ ଗ୍ରୀଡ଼ପାଲରୁ ବିଜୁଳିଶକ୍ତି ଆସିବା ସାମୟିକ ଭାବରେ କମ୍ବା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ସେ ଅବସ୍ଥାରେ ୩ ସେକେଣ୍ଡ ପରେ ୭୫୮ କିଲୋୱାଟ ଡ଼ିଜେଲ ଜେନେରେଟର ସେଟ୍ ଆପଣା ଛାଏଁ ଚାଲୁ ହୋଇ ଅଲୁଅ ପାଇଁ ଓ ସମଗ୍ର କାରଖାନା ପାଇଁ ବିଜୁଳି ଶକ୍ତି ଯୋଗାଇଦେବ । କିନ୍ତୁ ସେହି ଡ଼ିଜେଲ ଜେନେରେଟର ସେଟ୍ ଯଦି କୌଣସି କାରଣରୁ ଆପଣାଛାଏଁ ଚାଲୁ ହୋଇ ନ ପାରେ, ତେବେ ସେ ଅବସ୍ଥାରେ ଅନ୍ୟ ଦୁଇଟି ୪୦୦ କିଲୋୱାଟ ଡ଼ିଜେଲ ଜେନେରେଟର ଆପଣାଛାଏଁ ଅଲୁଅ ପାଇଁ ଓ କାରଖାନାର ବିଭିନ୍ନ ସେକସନ ପାଇଁ ବିଜୁଳି ଶକ୍ତି ଯୋଗାଇ ଦେବ । ଏହି ଏମରଜେନ୍‌ସି ପାୱାର ହାଉସ ନିର୍ମାଣରେ ପ୍ରାୟ ଏକକୋଟି ଟଙ୍କା ଖର୍ଚ୍ଚ ହୋଇଛି । ସାର କାରଖାନା ଯୋଜନାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ପ୍ଲାଣ୍ଟ ।



ସାର କାରଖାନାରେ ବସାଯାଉଥିବା ସ୍ୟାଚ୍ୟୁରେଟର ୱାଟର ହିଟର ଯନ୍ତ୍ରର ଏକ ଦୃଶ୍ୟ

## ସ୍ୟାଚ୍ୟୁରେଟର ୱାଟର ହିଟର ଚାଲୁ ହୋଇଛି

ତାଳଚେର ସାରକାରଖାନା ଯୋଜନାରେ "ସ୍ୟାଚ୍ୟୁରେଟର ୱାଟର ହିଟର" ହେଉଛି ସବୁଠାରୁ ଓଜନଦାର ଯନ୍ତ୍ର । କାରଖାନାର ଆମୋନିଆ ପ୍ଲାଣ୍ଟରେ ମେସର୍ସ ଭାଭ ଅଣ୍ଡମୋର ଇଣ୍ଡିଆ ଲିମିଟେଡ଼ ଏହି ଯନ୍ତ୍ର ଗତ ୧୫ ତାରିଖରେ ବସାଇବା କାମ ଶେଷ କରିଛନ୍ତି । ଏହି ଯନ୍ତ୍ରଟି ୩୧ ମିଟର ଲମ୍ବ ଓ ଏହାର ବ୍ୟାସ ୪ ଦଶମିକ ୨ ମିଟର ଏବଂ ଓଜନ ୨୨୦ ଟନ । ଭାଇଜାଗର ମେସର୍ସ ଭାରତ ହେଭି ପ୍ଲେଟସ ଓ ଭେସଲସ୍ ଏହି ଯନ୍ତ୍ର ତିଆରି କରିଛନ୍ତି । ଖଣ୍ଡ ଖଣ୍ଡ କରି ଏହି ଯନ୍ତ୍ରକୁ ତିନି ଖଣ୍ଡ କରି ସ୍ୱତନ୍ତ୍ର ଟ୍ରଲି ଯୋଗେ ରେଲରେ ତାଳଚେରକୁ ଅଣାଯାଇଛି । ଏହି ଯନ୍ତ୍ରକୁ ଉଠାଇବା ପାଇଁ ଏକ ବିଶାଳକାୟ ଟାୱାର ନିର୍ମାଣ କରାଯାଇଛି । ଖୁବ୍ ନିକଟରେ ଏହିଭଳି ଆଉ ଏକ ଟାୱାର ମଧ୍ୟ ଭାରତ ହେଭି ପ୍ଲେଟସ ଓ ଭେସଲସରୁ ଏଠାକୁ ଆସିବ ବୋଲି ଆଶା କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଭଳି ବିଶାଳ ଟାୱାର ଏହି ପ୍ରଥମଥର ଆମ ଦେଶରେ ତିଆରି କରାଯାଇଛି ।

ଇତିମଧ୍ୟରେ ତିନୋଟି ସର୍ଭିସ ବଏଲର ମଧ୍ୟରୁ ଦୁଇଟି ବଏଲର ଚାଲୁ ହୋଇଛି ଏବଂ ଡୋଭାଇଲ ଯୋଗେ ଏ ଦୁଇଟିର ଷ୍ଟିମ ମିଳୁଛି । ସାରକାରଖାନା ଯୋଜନା କର୍ତ୍ତୃପକ୍ଷ ଆଶା କରନ୍ତି ଯେ ୧୯୭୭ର ଶେଷ କ୍ୱାର୍ଟର ବେଳକୁ ତାଳଚେର ସାରକାରଖାନାରୁ ଇଉରିଆ ସାର ଉତ୍ପାଦନ ଆରମ୍ଭ ହୋଇଯିବ ।

# ORISSA STATE ELECTRICITY BOARD

*INVITES*

**Prospective Entrepreneurs to set up**

More and more Industries in the State with assured power supply in abundances. We are now exporting surplus power to the tune of 100 MW. to the neighbouring States of Bihar and Andhra Pradesh.

We assure you sufficient power supply from reliable grid having Hydro and Thermal Stations at comparatively favourable tariff.

Steps in a bigger and determined way are being taken to help progress Small-Scale Industries in the State.

We have extended power support of 60 to 80 MW. to HSL, Rourkela to supplement their generation of 60 to 70 MW. and committed further supply for their expansion programme.

Power supply to other basic Electro Metalurgical, Electro Chemical Industries, Ferro-Chrome, Ferro-Silicon, Ferro-Manganese, Caustic Soda, Cement Factories, Paper Mills, etc. have been given to exploit the natural, mineral and other resources of the State for meeting the production demands of the country.

SALIENT FEATURE

**Our present installed capacity—801 MW.**

**New Power Projects already taken up :**

| | | |
|---|---|---|
| 1. | T. T. P. S. Expansion | 220 MW. |
| 2. | Balimela Hydro-Power Station (Units V and VI) | 120 MW. |
| 3. | Rengali Hydro-Project | 100 MW. |
| 4. | Upper Kolab Hydro-Project | 240 MW. |
| | Total .. | 680 MW. |

**POWER CONSUMPTION INSIDE THE STATE**

Power sold during 1974-75 — 1995 Million Units

**RURAL ELECTRIFICATION**

We have so far electrified more than 11,000 villages during the last five years.

**ELECTRICITY IS KEY TO PROSPERITY**
**HELP US TO SERVE YOU AT ALL TIMES**

ORISSA STATE ELECTRICITY BOARD
BHUBANESWAR-751007

# ପ୍ରଗତି ପଥେ ବାଲିଶଙ୍କରା ବ୍ଲକ୍

୧୦ ଗୋଟି ଗ୍ରାମ ପଞ୍ଚାୟତରେ ୮୪ଟି ରେଭିନ୍ୟୁ ମୌଜାକୁ ନେଇ ଏହି ବାଲିଶଙ୍କରା ପଞ୍ଚାୟତ ସମିତି ଗଠିତ । ଏହାର ମୋଟ ଲୋକ ସଂଖ୍ୟା ୫୨,୮୦୦ ମଧ୍ୟରୁ ଆଦିବାସୀ ସଂଖ୍ୟା ୩୪,୫୧୨, ତଫସିଲଭୁକ୍ତ ଜାତିଙ୍କ ସଂଖ୍ୟା ୫,୪୩୮ ଏବଂ ଅନ୍ୟାନ୍ୟ ଲୋକ ସଂଖ୍ୟା ୧୨,୮୫୦ । ଏହି ସମିତି ଅଞ୍ଚଳରେ ମୋଟ ୧,୦୮,୪୭୬ ହେକ୍ଟର ଜମି ମଧ୍ୟରୁ ଋଷ ଜମି ହେଉଛି ୧୭,୯୮ ହେକ୍ଟର ଏବଂ ତନ୍ମଧ୍ୟରୁ ଧାନ ଜମି ହେଉଛି ୧୫,୧୦୦ ହେକ୍ଟର । ଏହି ଧାନ ଜମିକୁ ୩ ସ୍ତରରେ ବିଭକ୍ତ କରାଯାଇପାରେ ଯଥା—ଗୁଡ଼ା ଓ ମାଲ ଧାନ ଜମି ୫,୨୩୦ ହେକ୍ଟର, ବେର୍ଣ୍ଣ ୪,୦୭୪ ହେକ୍ଟର ଏବଂ ବାହାଲ ଜମି ୫,୭୯୬ ହେକ୍ଟର । ସେଥି ମଧ୍ୟରୁ କ୍ଷୁଦ୍ର ଜଳସେଚନ ଦ୍ୱାରା ୧୧୦ ହେକ୍ଟର, ବନ୍ଧ ଓ କଟା ଦ୍ୱାରା ୨୩୦ ହେକ୍ଟର, କୂପ ଦ୍ୱାରା ୧୦ ହେକ୍ଟର, ଆଡ଼ିବନ୍ଧ ଦ୍ୱାରା ୧୨୦ ହେକ୍ଟର ଏବଂ ଅନ୍ୟାନ୍ୟ ଉପାୟରେ ୪ ହେକ୍ଟର ଜମିରେ ଜଳସେଚନ କରାଯାଉଛି ।

୧୯୭୬-୭୭ ଖରିଫ ଋତୁରେ ଧାର୍ଯ୍ୟ ହୋଇ ଥିବା ଲକ୍ଷ୍ୟ ହାସଲ କରାଯାଇଛି । ସ୍ଥାନୀୟ ଧାନ ୮,୧୩୨ ହେକ୍ଟର, ଉନ୍ନତ ଧାନ ୬,୩୮୪ ହେକ୍ଟର, ଅଧିକ ଅମଳକ୍ଷମ ଧାନ ୧,୫୮୪ ହେକ୍ଟର, ଅଧିକ ଅମଳକ୍ଷମ ମକା ୧୦ ହେକ୍ଟର, ସ୍ଥାନୀୟ ମକା ୧୫୬ ହେକ୍ଟର, ଅଧିକ ଅମଳକ୍ଷମ ଜଓ୍ୱାର ୮ ହେକ୍ଟର, ସ୍ଥାନୀୟ ଜଓ୍ୱାର ୧୩୫ ହେକ୍ଟର, ମାଣ୍ଡିଆ ୩୪୦ ହେକ୍ଟର, ପୁଷାବୈଶାଖି ମୁଗ ୪୮୬ ହେକ୍ଟର, ଟି-୯ ବିରି ୧୧ ହେକ୍ଟର ଓ ଚିନା ବାଦାମ ୪୧୭ ହେକ୍ଟର । ଏଥିପାଇଁ ଅଧିକ ଅମଳକ୍ଷମ ଧାନ ବିହନ କୁଇଣ୍ଟାଲ ୬୭-୨୯ କେ. ଜି. ଏବଂ ଅନ୍ୟାନ୍ୟ ବିହନ ସମେତ ୧,୦୮୩.୦୦ କୁଇଣ୍ଟାଲ ସାର ମଧ୍ୟ ଋଷୀମାନଙ୍କୁ ବିକ୍ରି କରାଯାଇଛି । ୩୦୨ ଜଣ ଛୋଟ ଆଦିବାସୀ ଋଷୀଙ୍କୁ କୃଷି ଋଣ ବାବଦରେ ଟ ୭୫,୭୭୩.୦୦ ଛାଡ଼ କରିବାପାଇଁ ବ୍ୟବସ୍ଥା କରାଯାଇଛି । କୃଷି ବିଭାଗ ତରଫରୁ ୧୯ ଗୋଟି ବିଭିନ୍ନ ଡେମୋନସଟ୍ରେସନ ଏବଂ ୭୨ଟି ବିଭିନ୍ନ ମିନିକିଟ ଡେମୋନସଟ୍ରେସନ ଆଦିବାସୀ ଚାଷୀଙ୍କୁ ଦିଆଯାଇଛି । ତା' ଛଡ଼ା ଆଇ. ଟି. ଡି. ପି. ଯୋଜନାରୁ ୪୮ ଗୋଟି ବିଭିନ୍ନ ଡିମୋନ୍‌ସଟ୍ରେସନ ଦିଆଯାଇଛି ।

କିନ୍ତୁ ଏବର୍ଷର ଅନାବୃଷ୍ଟି ତଥା ମରୁଡ଼ିଜନିତ ପରିସ୍ଥିତି ସବୁ ଯୋଜନାକୁ ପଣ୍ଡ କରି ଦେଇଛି । ତଥାପି ଉକ୍ତ ବ୍ଲକର ଚାଷୀମାନେ ହତୋତ୍ସାହ ନ ହୋଇ ଖରିଫ ଫସଲ ଏବଂ ରବିଫସଲ ଯୋଜନାକୁ ସଫଳ କରିବାକୁ ଦୃଢ଼ ପଦକ୍ଷେପ ନେଇଛନ୍ତି । ୧୭ ଗୋଟି ଅଡ଼ିବନ୍ଧ କରି ୧୨୦ ହେକ୍ଟର ଖରିଫ ଚାଷ ଉଚ୍ଚା କରିଛନ୍ତି । ଏହି ଆଡ଼ିବନ୍ଧ-ଗୁଡ଼ିକ ରବି ଫସଲ କରିବାରେ ମଧ୍ୟ ସହାୟକ ହେବ । ଏହା ବ୍ୟତୀତ ୮୧ଟି କୂପ, କ୍ଷୁଦ୍ର ଜଳସେଚନ ଯୋଜନା ଓ ବନ୍ଧକଟା ଦ୍ୱାରା ମଧ୍ୟ ୧୯୬ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା ହୋଇଛି । ଜଳସେଚନ ସୁବିଧା ଥିବା ହାରାହାରି ୧୩୪ ହେକ୍ଟର ଜମିରେ ରବି ଫସଲ ହେବାର ଯୋଜନା କରାଯାଇଛି । ସେଥିପାଇଁ ୨୫,୦୦୦ ଟଙ୍କାର ଋଣ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ କ୍ରପ ଲୋନ ଜରିଆରେ ଚାଷୀମାନଙ୍କୁ ସାର, ବିହନ ଓ ନଗଦ ଟଙ୍କା ଆକାରରେ ଦିଆଗଲାଣି । ଆହୁରି ଋଣ ଦେବାପାଇଁ ପଦକ୍ଷେପ ନିଆଯାଇଛି । ୧୯୭୬ରେ ଭୂ-ଉନ୍ନୟନ ବ୍ୟାଙ୍କ ତରଫରୁ ୫୦୦ ଓ ଷ୍ଟେଟ ବ୍ୟାଙ୍କ ତରଫରୁ ୧୦୦ କୂପ ଖନନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିରୁ ୧୬୯ଟି ଋଣ ଦରଖାସ୍ତ ମଞ୍ଜୁରୀ ନିମନ୍ତେ ସଂଗ୍ରହ ହୋଇ ସାରିଲାଣି । ଚେୟାରମ୍ୟାନ, ବି. ଡି. ଓ., ସଂପ୍ରସାରଣ ଅଫିସର, ଗ୍ରାମ ସେବକ ଏବଂ ଭୂ-ଉନ୍ନୟନ ବ୍ୟାଙ୍କ ସୁପରଭାଇଜରମାନେ ସମବାୟ ଲକ୍ଷ୍ୟ ହାସଲ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରୁଛନ୍ତି । ଏତଦ ବ୍ୟତୀତ ସମିତି ଜରିଆରେ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି । ୧୯୭୫-୭୬ ବର୍ଷ ମଧ୍ୟରେ ୧,୧୦୦ ଭୂମିହୀନ ଲୋକଙ୍କୁ ୨,୨୬୮ ଏକର ଏବଂ ୧୯୭୬-୭୭ରେ ୧୪୮ ଜଣ ଲୋକଙ୍କୁ ୪୨୧.୫୯ ଏକର ଅନାବାଦୀ ଜମି ବଣ୍ଟନ କରାଯାଇଛି । ଏହା ବ୍ୟତୀତ ସିଲିଙ୍ଗ ବାହାରେ ଥିବା ବଳକା ଜମି ୧୬୦ ଜଣ ଆଦିବାସୀଙ୍କୁ ୧୨ ଏକର ୪୫ ଡି. ଅୟତନର ଘରଡିହ ଯୋଗାଇ ଦିଆଯାଇଛି । ରାମପୁର, କୁସୁମରା ଓ ଘୋଘର ଗ୍ରାମରେ ଏପର୍ଯ୍ୟନ୍ତ ୧୦୧ ଏକର ୬୮ ଡି. ଜମିକୁ ଅବାଦ-ଯୋଗ୍ୟ କରାଯାଇଛି ।

ହଳ କରିବାପାଇଁ ୨୯ ଜଣ ଆଦିବାସୀ କ୍ଷୁଦ୍ର ଚାଷୀଙ୍କୁ ୧୪,୮୩୦.୦୦ ଟଙ୍କା ମୂଲ୍ୟର ୨୯ ହଳ ବଳଦ ଅଧା ରଣ ଓ ଅଧା ଛାଡ଼ ସୂତ୍ରରେ ଯୋଗାଇ ଦିଆଯାଇଛି । ସେହିପରି ୨୪ ଜଣ ଆଦିବାସୀଙ୍କୁ ୯,୬୦୦.୦୦ ଟଙ୍କା ମୂଲ୍ୟର ୯୬ଟି ଛେଳି ଅଧା ରଣ ଓ ଅଧାଛାଡ଼ ସୂତ୍ରରେ ଯୋଗାଇ ଦିଆଯାଇଛି ।

ସୁଲଭ ମୂଲ୍ୟରେ କଣ୍ଟ୍ରୋଲ ଚିନି, ଚାଉଳ, ଲୁଗାପଟା ଇତ୍ୟାଦି ଲୋକମାନଙ୍କୁ ଯୋଗାଇବାପାଇଁ ୨୫ଟି ବିକ୍ରି କେନ୍ଦ୍ର ଖୋଲାଯାଇଛି । ଏହି ଅଞ୍ଚଳର ସୁବିଧା ଦୃଷ୍ଟିରୁ ୭ଟି ପଞ୍ଚାୟତରେ କଣ୍ଟ୍ରୋଲ ସାମଗ୍ରୀ କାରବାର କରୁଛନ୍ତି । ୧୯୭୬ ଅକ୍ଟୋବର ଶେଷ ସୁଦ୍ଧା ୧,୩୯୯ କୁଇଣ୍ଟାଲ ଚାଉଳ ଓ ୫୯୮ କୁଇଣ୍ଟାଲ ଚିନି ଯୋଗାଇ ଦିଆଯାଇଛି ।

ଏବର୍ଷ ଅନାବୃଷ୍ଟି ସତ୍ତ୍ୱେ ୯୨୦ ଗୋଟି ଫଳବୃକ୍ଷ ସମିତି ଅଞ୍ଚଳରେ ରୋପଣ କରାଯାଇଛି । ଜନ୍ମ ନିୟନ୍ତ୍ରଣ ଦିଗରେ ଏହି ବ୍ଲକପାଇଁ ସାତଶହ ଧାର୍ଯ୍ୟ ହୋଇଥିବା ସ୍ଥଳେ ୧,୦୦୦ ହାସଲ ହେଲାଣି । ଏ ଦିଗରେ ସରକାରୀ କର୍ମଚାରୀମାନେ ବିଶେଷ ତତ୍ପର ହୋଇ ଲାଗିପଡ଼ିଛନ୍ତି ।

କୃଷି କ୍ଷେତ୍ରରେ ଏବଂ ଅନ୍ୟାନ୍ୟ କର୍ମକ୍ଷେତ୍ରରେ ମଜୁରିଆଙ୍କୁ ଉପଯୁକ୍ତ ଦୈନିକ ମଜୁରୀ ଦେବା ଦିଗରେ ବିଶେଷ ଧ୍ୟାନ ଦିଆଯାଇଛି ।

ଏହି ବ୍ଲକ ସ୍ୱଳ୍ପସଂଚୟ ଦିଗରେ ମଧ୍ୟ ବିହିତ ପଦକ୍ଷେପ ନେଇଛି । ୧୯୭୬ ଶେଷ ସୁଦ୍ଧା ସେଭିଙ୍ଗସ୍ ବ୍ୟାଙ୍କରେ ୧,୬୯,୯୧୪.୫୩ ଟଙ୍କା, ସି. ଟି. ଡି.ରେ ୬,୯୮୬.୦୦ ଟଙ୍କା ଏବଂ ରେକରିଂ ଡିପୋଜିଟରେ ୮,୭୧୧.୫୫ ଟଙ୍କା ଜମା କରାଯାଇଛି ।

ତା' ଛଡ଼ା ମରୁଡ଼ି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଶ୍ରମିକମାନଙ୍କୁ କର୍ମଯୋଗାଣପାଇଁ ବିହିତ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସରକାରୀ ପାଣ୍ଠି, ସମିତି ପାଣ୍ଠି ଓ ପଞ୍ଚାୟତ ପାଣ୍ଠି ବିନିଯୋଗ ହେଉଛି । ସମିତିର ତଥା ପଞ୍ଚାୟତର ୫ ଗୋଟି ରାସ୍ତା କାମ ଖୋଲିଛି । ହାରାହାରି ୪୦୦ ଶ୍ରମିକ କାମରେ ଲାଗିଛନ୍ତି ଏବଂ ଦୈନନ୍ଦିନ ତାଙ୍କର ମଜୁରୀ ପାଉଛନ୍ତି । ପ୍ରତି ପଞ୍ଚାୟତରେ ଅନ୍ତତଃ ୨ଟି ଲେଖାଏଁ ବନ୍ଧ, କଟା ଓ ରାସ୍ତା ମରାମତି ତଥା ଉନ୍ନତି-ମୂଳକ କାର୍ଯ୍ୟ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ପାନୀୟ ଜଳ ଯୋଗାଣ ନିମନ୍ତେ ସରକାରଙ୍କ ତରଫରୁ ୧୪ ଗୋଟି ସାନିଟାରୀ କୂପ ଓ ୧୦ଟି ଅନ୍ୟ କୂପ ମଞ୍ଜୁର ହୋଇଛି । ସେଥିରୁ ୫ ଗୋଟି ଶେଷ ହେଲାଣି । ୮୪ଟି ଗ୍ରାମ ମଧ୍ୟରୁ ମାତ୍ର ୮ ଗୋଟି ଗ୍ରାମରେ ସରକାରୀ କୂପ ନାହିଁ । ୧୯୭୬ ଶେଷ ସୁଦ୍ଧା ଯେପରି ଏହି ବ୍ଲକରେ କୂପ ନ ଥିବା ଗ୍ରାମ ରହିବ ନାହିଁ, ସେଥିପାଇଁ ଚେଷ୍ଟା କରାଯାଉଛି ।

ଏତଦ ବ୍ୟତୀତ ଏହି ପଞ୍ଚାୟତ ସମିତି ଅଞ୍ଚଳରେ ୩୦ ଗୋଟି କେନ୍ଦ୍ରରେ ମହିଳା ସମିତି ଜରିଆରେ ଶିଶୁ ଓ ପ୍ରସୂତି ସ୍ତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ୧୧୭ଟି ପ୍ରାଥମିକ ବିଦ୍ୟାଳୟରେ କେୟାର ସଂସ୍ଥା ପକ୍ଷରୁ ମଧ୍ୟାହ୍ନ ଭୋଜନ ଚାଲୁ ରହିଛି । ଏତଦ ବ୍ୟତୀତ ୧୦ ଗୋଟି ଅଧିକା ଗ୍ରାମରେ ମହିଳା ସମିତି ଜରିଆରେ ପୁଷ୍ଟିକର ଖାଦ୍ୟ ଯୋଗାଇବାପାଇଁ ଠିକ କରାଯାଇଛି ।

୧୯୭୬ରେ ୨୫ ଜଣ ସାହୁକାରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୧୯୭୬ ମସିହାରେ ଆଦିବାସୀ ଓ ହରିଜନଙ୍କ ଜମି ମୁକ୍ତିପାଇଁ ୨୩ଟି ମାମଲା ରୁଜୁ କରାଯାଇଛି । ୧୯୭୫-୭୬ରେ ହାଇସ୍କୁଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ୧୧୦ ଜଣ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କୁ ୧,୨୪,୮୫୪ ଟଙ୍କା ବୃତ୍ତି ଦିଆଯାଇଛି ।

ଏହି ବ୍ଲକରେ ଥିବା ୧୧୭ ଗୋଟି ୟୁ. ପି. ସ୍କୁଲ ଓ ଏଲ. ପି. ସ୍କୁଲରେ ପଢୁଥିବା ପ୍ରାୟ ୪,୨୦୦ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ବହି ବଣ୍ଟନ କରାଯାଇଛି ।

# ପ୍ରଗତିପଥେ : ଆମ ଜିଲ୍ଲା କେନ୍ଦୁଝର

କୁମାରୀ ସୌଭାଗ୍ୟ ପଟ୍ଟନାୟକ

ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହେବାର ୨୮ ବର୍ଷପରେ ଏବଂ ଅବହେଳିତ ଧ୍ୱଂସମୁଖୀ ସମାଜର ପୁନରୁତ୍ଥାନ ପାଇଁ ଦେଶରେ ଜରୁରୀ ପରିସ୍ଥିତି ଜାରି ଏବଂ ଏକ ସର୍ବନାଶୋନ୍ମୁଖୀ କଳଙ୍କିତ ସମାଜର ଆନସ୍ୱନପାଇଁ ସରକାରଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମର ଘୋଷଣା ସମଗ୍ର ଭାରତବାସୀଙ୍କୁ ଅଜ୍ଞାତ ତମସାର ଗହ୍ୱର ମଧ୍ୟରୁ ମୁକୁଳାଇ ଆଣିଛି । ବହୁ ରାଜନୈତିକ ପରୀକ୍ଷା-ନିରୀକ୍ଷାର ପୃଷ୍ଠଭୂମି ଉପରେ ଭାରତୀୟଙ୍କ ଜୀବନରେ ଆଜି ଏକ ନୂତନ ଅନୁଭୂତି, ନୂତନ ପ୍ରଗତିର ଅନେକ ବର୍ଷ ଯେଉଁ ଅନୁଶାସନ ପର୍ବର ଆରମ୍ଭ ହେଲା ତାହା ୧୯୭୫ ଜୁନ୍ ୨୬ ତାରିଖ ଆମର ଛାତ୍ରଙ୍କୁ ଖାଙ୍କି କର୍ମମୁଖର କରାଇଲା, ତାହା ବାସ୍ତବିକ ପ୍ରଣିଧାନର ବିଷୟ । ଓଡ଼ିଶାର ସର୍ବତ୍ର ଏଇ ଅନୁଶାସନ ପର୍ବ ଏକ ନୂଆ ସୁରର ଉପକ୍ରମ ମାତ୍ର । ପରେ ପରେ ୧୯୭୫ ମସିହା ଜୁଲାଇ ପହିଲାର ପ୍ରଥମ ସକାଳ ଜୀବନର ଗତାନୁଗତିକ ବହୁ ଅସ୍ୱାଭାବିକ ବ୍ୟାପାରର ମୁକାବିଲା, ବହୁ ସମସ୍ୟାର ସମାଧାନପାଇଁ ଯେଉଁ ଦୃଢ଼ ଆଶ୍ୱାସ, ବିଶ୍ୱାସ ଦୈନିକ ପ୍ରତି ଜନତାଙ୍କୁ ସଚେତ କରାଇପାରିଛି । ଦାରିଦ୍ର୍ୟର ସୀମାରେଖା ତଳେ ନିଷ୍ପେଷିତ, ଶୋଷିତ, ଅବହେଳିତ ଦୁର୍ବଳ ଶ୍ରେଣୀର ଦୁର୍ଦ୍ଦଶା ମୋଚନପାଇଁ ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଏକ ପ୍ରଗତିଶୀଳ ପଦକ୍ଷେପ—ଯାହାକି ଆଜି ସମାଜର ବହୁ ଆକାଂକ୍ଷିତ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ବାସ୍ତବ ରୂପାୟନ କରିବାକୁ ସମର୍ଥ ହୋଇପାରିଛି । ସମାଜର ସ୍ତରେ ସ୍ତରେ ଶୃଙ୍ଖଳା, ସମଯାନୁବର୍ତ୍ତିତା, ଦାୟିତ୍ୱବୋଧ, କର୍ତ୍ତବ୍ୟବୋଧର ସଙ୍କେତ । ଏହି କାର୍ଯ୍ୟକାରୀ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମର ବିବିଧ ଯୋଜନାକୁ ସଫଳ କରିବା ନିମନ୍ତେ ବିପୁଳ ଜନତାର ସମର୍ଥନ ଐକାନ୍ତିକ ଉଦ୍ୟମ ଚଳାଇଛି ।

ଜରୁରୀ ପରିସ୍ଥିତି ଘୋଷିତ ହେବାର ଏକ ବର୍ଷ ଭିତରେ, ସମଗ୍ର କେନ୍ଦୁଝର ଜିଲ୍ଲା, ତଥା ଜନ ସାଧାରଣଙ୍କ ଅର୍ଥନୈତିକ, ସାମାଜିକ, ରାଜନୈତିକ ଦୃଷ୍ଟିକୋଣରୁ ଲକ୍ଷଣୀୟ ବିକାଶ କରିବାକୁ ଗଲେ ଯଦି ଦାନକ ଏକ ଶବ୍ଦ ଅଧମା କାହାଣୀ ପେଡ଼ିର କାହାଣୀ ହୋଇ ରହିଛି । ବହୁ ଦିନରୁ ରାଜା, ମହାରାଜା ଅମଳରୁ ଯେଉଁ ତଥାକଥିତ ବେତେକ କୁସଂସ୍କାର ତଥା ଅନ୍ଧ ବିଶ୍ୱାସ, ଅନିଶ୍ଚିତତା, ଅରାଜକତା, ବିଶୃଙ୍ଖଳା, ଗୋତିପ୍ରଥା, ଯୌତୁକ ପ୍ରଥା, ମହାଜନୀ କାରବାର ଆଦି କଳଙ୍କିତ ପ୍ରଥା ଯାହାକି ଆମର ଏକ ଜାତିଗତ ଅଭ୍ୟାସ ରୂପେ ପରିଣତ ହୋଇ ଯାଇଥିଲା—ଏତେଶୀଘ୍ର ସେଗୁଡ଼ିକର ମୂଳୋତ୍ପାଟନ ନିମନ୍ତେ ଆମେ ଆଜି ସକ୍ଷମ । ପ୍ରଧାନମନ୍ତ୍ରୀ ଏହି ବଳିଷ୍ଠ ଉଦ୍ୟୋଗ ସମାଜ ପାଇଁ ଏକ ନବ ଦର୍ଶନର ମାଇଲ ପ୍ରସ୍ତ । ଏହି ଅନେକ ଅନାଗ୍ରହୀ ମୂଳକର ତମସା ଦୂରୀଭୂତ କରି ନିଷ୍ପେଷିତ, ଅବହେଳିତ ଦୀନ ପ୍ରାଣରେ ଫୁଟାଇ ପାରିଛି ମୁଠାଏ ଅକାଣ୍ଡର ହସ ।

ଓଡ଼ିଶାର ଅନୁନ୍ନତ ତଥା ଆଦିବାସୀ ବହୁଳ ଜିଲ୍ଲାମାନଙ୍କ ମଧ୍ୟରେ କେନ୍ଦୁଝର ଏକ ବୈଶିଷ୍ଟ୍ୟ ଆସନ ଦଖଲ କରିଛି । ୩୨୧୮,୬୪ ମାଇଲ୍ ଆୟତନ ବିଶିଷ୍ଟ ଏହି ଜିଲ୍ଲାର ଲୋକସଂଖ୍ୟା ୯୫୫,୫୧୪—ତନ୍ମଧ୍ୟରୁ ୬୦ ଲକ୍ଷ ହରିଜନ ଓ ଆଦିବାସୀ ସଂପ୍ରଦାୟ । ପାହାଡ଼ ପର୍ବତ ଜଂଗଲ ଦେଶ ଏହି ଅଞ୍ଚଳର ଆଦିବାସୀ, ଆଧୁନିକ ସଭ୍ୟତାର ପରିସୀମା ଠାରୁ ଅନେକ ଦୂରରେ । କିନ୍ତୁ ଲୋକ ଲୋଚନର ଅନ୍ତରାଳରେ ଆତ୍ମଗୋପନ କରିଥିବା ଏହି ଆଦିବାସୀ ଅଧ୍ୟୁଷିତ ଉପକାଣ୍ଡ ପ୍ରାଣରେ ନୂତନ ଜୀବନ ସଞ୍ଚାର କରିବାକୁ ସରକାର ଯେଉଁ ଚେଷ୍ଟା ଚଳାଇଛନ୍ତି ତାହାର ସୁଫଳ ଏହି ବର୍ଷକ ମଧ୍ୟରେ ସେମାନଙ୍କ ଚେହେରା ବଦଳାଇ ଦେଇଛି । କେନ୍ଦୁଝର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ପ୍ରଯୋଜିତ ବହୁଯୋଜନା ଏଠାରେ କାର୍ଯ୍ୟକାରୀ ହୋଇ ସଫଳତା ହାସଲ କରି ପାରିଛି । ଗତ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ସଂସ୍ଥା ଦ୍ୱାରା କେନ୍ଦୁଝର ଜିଲ୍ଲାର ଆଦିବାସୀ ଓ ହରିଜନ ଜାତି ଜୀବନରେ ଯଥେଷ୍ଟ ଉଲ୍ଲେଖଯୋଗ୍ୟ ବିକାଶ ଘଟିଛି । ସେପରିକ ଧରି ଯେଉଁ ଜିଲ୍ଲା ଅବହେଳିତ ଅବସ୍ଥାରେ ଥିଲା ସ୍ୱାସ୍ଥ୍ୟ ନିର୍ମାଣ କରି ଆସୁଥିଲା ଏବଂ ରାସ୍ତା, ଘାଟ ଯୋଗାଯୋଗ, ବିଦ୍ୟୁତ୍, ଜଳସେଚନ, ଶିକ୍ଷା, ମତ୍ସ୍ୟ, ଜଙ୍ଗଲ, ବାଣିଜ୍ୟ, ଖଣିଜ ପ୍ରଭୃତି କ୍ଷେତ୍ରରେ ପଛରେ ପଡ଼ିରହିଥିଲା, ତାହାର ପରିବର୍ତ୍ତନ ଆଜି ବହୁ ଜନଜୀବନରେ ସୌଭାଗ୍ୟ ଆଣିଦେଇଛି ।

ଆଦିବାସୀମାନଙ୍କୁ ମହାଜନୀ ଶୋଷଣରୁ, ଦାଦନର କବଳରୁ ମୁକ୍ତ କରାଯାଇ ସେମାନଙ୍କ ଆର୍ଥିକ ପରିସ୍ଥିତିର ସମାଧାନ କରିବାପାଇଁ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା, ଆଦିବାସୀ ଉନ୍ନୟନ ସଂସ୍ଥା, ବିଭିନ୍ନ ଜାତୀୟକୃତ ଋଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ ପକ୍ଷରୁ ସେମାନଙ୍କୁ ଅତି ସହଜ ସୁବିଧାରେ ଋଣ ଯୋଗାଇ ଦିଆଯାଇ ଆତ୍ମନିର୍ଭରଶୀଳତା ପଥ ପ୍ରଦର୍ଶନ କରାଯାଇଛି । ଗୋତି ପ୍ରଥା ଉଚ୍ଛେଦ ଆଇନ୍ ଜାରି ହେବା ପରେ ଏହି ଜିଲ୍ଲାର ୨୩ ଜଣ ଗୋତି ନୂଆଙ୍କୁ ଉଦ୍ଧାର କରାଯାଇ ପ୍ରଗତିର ନୂତନ ଆଲୋକରେ ସେମାନଙ୍କ ସଙ୍କୀର୍ଣ୍ଣ ମନୋବୃତ୍ତିକୁ ସଂପ୍ରସାରିତ କରି ନୂଆ ଜୀବନ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କୁ ୨ ଏକର ଜମି ସମେତ, ହଳବଳଦ, ଘରଦ୍ୱାର, କୃଷିଉପକରଣ, ଉନ୍ନତ ସାର, ବିହନ ଯୋଗାଇ ଦିଆଯାଇ ଶରତପଡ଼ା ଗ୍ରାମରେ ଥଇଥାନର ବ୍ୟବସ୍ଥା କରାଯାଇଛି । ଆଦିବାସୀ ଅନୁନ୍ନତ ଶ୍ରେଣୀର ଦାରିଦ୍ର୍ୟ ବୈଷମ୍ୟ ଦୂରୀକରଣ ନିମନ୍ତେ ଚିରାଚରିତ ପୋଡୁ ଚାଷକୁ ପରିବର୍ତ୍ତନ କରି ଆଧୁନିକପ୍ରଣାଳୀରେ ଚାଷ କାର୍ଯ୍ୟ କରିବାପାଇଁ ଶିକ୍ଷା ଦିଆଯିବା ଫଳରେ ଉନ୍ନତ ଧରଣର ଚାଷ କାର୍ଯ୍ୟପ୍ରତି ସେମାନେ ଅଧିକ ମନଯୋଗୀ ଓ ନିଜର ରୁଚିକୁ ମାର୍ଜିତ କରିବା ଦିଗରେ ଯଥେଷ୍ଟ ଆଗ୍ରହୀ ହେବାର ଲକ୍ଷ୍ୟ କରାଯାଏ । ପାହାଡ଼କୁ ସମତଳ କରାଯାଇ ଚାଷ ଉପଯୋଗୀ ୫୦ ହେକ୍ଟର ଜମି ଦଶଁଲାଠାରେ ସେମାନଙ୍କୁ ବଣ୍ଟନ କରାଯାଇଛି । ଫଳରେ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଦିଗରେ ସେମାନେ ଆଜି ସମର୍ଥ ହୋଇଛନ୍ତି । କୃଷିର ଉନ୍ନତି ସକାଶେ ଏହି ଜିଲ୍ଲାରେ ରୁରୁମୁଙ୍ଗା ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଛି, ଫଳରେ ୭୦ଟି ପରିବାର ବିଭିନ୍ନ ଋତୁରେ ଅଧିକ ଫସଲ ଉତ୍ପାଦନ ଲାଭ କରିପାରିବେ । ସାଢ଼େ ତିନି ଲକ୍ଷ ଟଙ୍କା ବ୍ୟୟରେ ଦଶଁଲାଠାରେ ମଧ୍ୟ ଏକ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଛି । ଜିଲ୍ଲାର ନାମମାତ୍ର ଚାଷୀ କୃଷି ଶ୍ରମିକ ସଂସ୍ଥା ପକ୍ଷରୁ ୧୧,୯୦,୦୦୦ ଟଙ୍କା ବ୍ୟୟରେ ୪୪ଟି ଉଠା ଜଳସେଚନ କେନ୍ଦ୍ର ସ୍ଥାପନ କରାଯାଇ ୧୧,୪୪,୦୦୦ ଟଙ୍କା ବ୍ୟୟରେ ୧୫ ଶହ ୭୨ଟି କୂପ ତଥା ନଳକୂପ ଖୋଳାଯାଇଛି । ଏତଦ୍ ବ୍ୟତୀତ ଗୃହହୀନ ଦରିଦ୍ର ଲୋକଙ୍କ ପେଟକୁ ଦାନା, ପିଠିକୁ କନା ଏବଂ ମୁଣ୍ଡ ଗୁଞ୍ଜିବାପାଇଁ ଖଣ୍ଡେ ଖଣ୍ଡେ ବାସଗୃହ ଯୋଗାଇ ଦେବାକୁ ମଧ୍ୟ ସରକାର ଭୁଲି ନାହାନ୍ତି । ଉକ୍ତ ଜିଲ୍ଲାରେ ୧୯୭୫-୭୬ ଆର୍ଥିକ ବର୍ଷରେ ଭୂମିହୀନ ଆଦିବାସୀ ଓ ଅନୁନ୍ନତ ଶ୍ରେଣୀ ମଧ୍ୟରେ ୫୦୦ ଏକର ଜମି ବଣ୍ଟନ କରାଯିବାର ଲକ୍ଷ୍ୟ ରହିଥିଲେହେଁ ୭ ହଜାର ୫ ଶହ ୪୨ ଏକର ଜମି ବଣ୍ଟନ କରାଯାଇଛି । ଭୂମିହୀନ ଶ୍ରମିକ ଆଦିବାସୀଙ୍କ ମଧ୍ୟରେ ୫,୨୧୩ ପଏଣ୍ଟ ୭୩ ଏକର ଜମି ବଣ୍ଟା ଯାଇଛି । ଗରିବ ଶ୍ରେଣୀ ଲୋକଙ୍କୁ ଘରଦ୍ୱାର ଯୋଗାଇ ଦେବା ସଙ୍ଗେ ୭ ଲକ୍ଷ ଟଙ୍କା ବ୍ୟୟରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୦ଟି ଗୃହ ନିର୍ମାଣ କରାଯାଇଛି ।

ଶିକ୍ଷାର ପ୍ରସାର, ନିରକ୍ଷରତା ଦୂରୀକରଣ, ଗରିବ ମେଧାବୀ ଛାତ୍ରଙ୍କ ଉନ୍ନତ ମାନଦଣ୍ଡ ବୃଦ୍ଧି କରିବାପାଇଁ ଜିଲ୍ଲାରେ ୭ ବର୍ଷରୁ ୧୧ ବର୍ଷ, ୧୧ ବର୍ଷରୁ ୧୪ ବର୍ଷର ବାଳକ ବାଳିକାଙ୍କପାଇଁ ୫,୦୭୫ ଟଙ୍କା ଖର୍ଚ୍ଚ କରାଯାଇଛି, ଫଳରେ ୯୧୭ ଜଣ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ଉପକୃତ ହୋଇପାରିଛନ୍ତି । ବିନା ମୂଲ୍ୟରେ ୭୩୪ ଜଣ ଛାତ୍ରଛାତ୍ରୀଙ୍କୁ ୭,୩୪୦ ଟଙ୍କା ମୂଲ୍ୟର ସ୍କୁଲ୍ ପୋଷାକ ଯୋଗାଇ ଦିଆଯାଇଛି । ବର୍ତ୍ତମାନସୁଦ୍ଧା ଜିଲ୍ଲାରେ ୭୨ଟି ହାଇସ୍କୁଲ୍ ଓ ୧୩ଟି ମଧ୍ୟଇଂରାଜୀ ବିଦ୍ୟାଳୟରେ ପୁସ୍ତକ ବ୍ୟାଙ୍କ ଖୋଲାଯିବାଦ୍ୱାରା ୩,୭୭୭ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ଏଥିପାଇଁ ୪୪,୨୩୮ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଉକ୍ତ ଯୋଜନା ନିମନ୍ତେ ଅଧିକ ୮,୦୦୦ ଟଙ୍କା ମଞ୍ଜୁର କରାଯାଇଛି । ୧୯୭୬-୭୭ ଆର୍ଥିକ ବର୍ଷରେ ସ୍ୱଳ୍ପ ସଞ୍ଚୟ ବାବଦରେ ୫୦ ଲକ୍ଷ ଟଙ୍କା ସଞ୍ଚୟ କରାଯିବାର ଅଟକଳ ରହିଛି । ମାତ୍ର ୧୯୭୬ ମସିହା ଏପ୍ରିଲ୍ ସୁଦ୍ଧା ଏହି ଜିଲ୍ଲାରେ ୨,୧୮,୦୦୦ ଟଙ୍କା ସଞ୍ଚୟ ହୋଇପାରିଛି । ଜିଲ୍ଲାରେ ୨୨ଟି ହାଇସ୍କୁଲ୍ ଓ ଆଶ୍ରମ ସ୍କୁଲରେ ସଞ୍ଚୟିକା ଯୋଜନା ପ୍ରଚଳନ କରାଯିବାଦ୍ୱାରା ୫,୦୦୦ ଛାତ୍ରଛାତ୍ରୀ ଭବିଷ୍ୟତପାଇଁ ଅର୍ଥ ସଞ୍ଚୟ କରିପାରିଛନ୍ତି । ଏହି ଜିଲ୍ଲାରେ ୫୦ଟି ଗ୍ରାମକୁ ସଞ୍ଚୟ ଗ୍ରାମରୂପେ ଘୋଷଣା କରାଯାଇଛି । ନାମ ମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀଙ୍କ ଆର୍ଥିକ ଉନ୍ନତି ଦିଗରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଚଳିତ ଖରିଫ ଋତୁ ଚାଷପାଇଁ ୭୦ ଲକ୍ଷ ଟଙ୍କା ଅର୍ଥ ଲଗାଣ କରାଯିବାର ବ୍ୟବସ୍ଥା କରିଛନ୍ତି । ବର୍ତ୍ତମାନସୁଦ୍ଧା ଏହି ବ୍ୟାଙ୍କ ୧୭ ପଏଣ୍ଟ ୧୭ ଲକ୍ଷ ଟଙ୍କା ୯୦ଟି ସମବାୟ ସମିତି ଜରିଆରେ ୧୪,୮୩୨ ଜଣ ସଭ୍ୟଙ୍କୁ ଯୋଗାଇ ପାରିଛି । ଫଳରେ ଗତ ବର୍ଷକ ଭିତରେ କେନ୍ଦୁଝର ଜିଲ୍ଲାରେ ବିଶେଷ ଉଲ୍ଲେଖନୀୟ ଅଗ୍ରଗତି ସମ୍ଭବ ହୋଇପାରିଛି ।

ଜିଲ୍ଲାରେ ଲାଭଖୋର ମହାଜନୀ କାରବାରକୁ ଦୃଢ଼ ଦମନ କରାଯାଇ ୧୮ ଜଣ ବେଆଇନ ଅର୍ଥ ଲଗାଣ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୫୫୨ ଜଣଙ୍କୁ ମହାଜନୀ କାରବାରପାଇଁ ରେଜେଷ୍ଟ୍ରିଭୁକ୍ତ କରାଯାଇଛି । ଏତଦ୍ ବ୍ୟତୀତ ଜନସାଧାରଣ ସ୍ୱାଭାବିକ ଜୀବନ ଯାପନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସମାଜ ତଥା ଦେଶର କଳଙ୍କ କଳାବଜାରୀ, ମୁନାଫାଖୋରଙ୍କୁ ରୋକିବା ନିମନ୍ତେ ମଧ୍ୟ ବଳିଷ୍ଠ ପଦକ୍ଷେପ ନିଆଯାଇଛି ।

ଫଳରେ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି । ରାଜ୍ୟର ଅର୍ଥନୈତିକ କଲ୍ୟାଣ ସାଧନ କରିବାକୁ ହେଲେ ଗ୍ରାମାଞ୍ଚଳର ଲୋକମାନଙ୍କ ସାମାଜିକ ପ୍ରଗତି ପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ । ଏହି ଅଭିବୃଦ୍ଧି ଅନେକାଂଶ ଗ୍ରାମ୍ୟ ବୈଦ୍ୟୁତୀକରଣ ଉପରେ ମଧ୍ୟ ନିର୍ଭର କରିଥାଏ । କେନ୍ଦୁଝର ଜିଲ୍ଲାରେ ଏହି ବିଦ୍ୟୁତୀକରଣ ଯୋଜନାନୁଯାୟୀ ୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଅଟକଳ ରହିଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫୮୯ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ୨୩୫ଟି ଗ୍ରାମ ଆଦିବାସୀ ବହୁଳ । ଏହି ଯୋଜନାରେ ୨୨ଟି ଶିଳ୍ପ ଅନୁଷ୍ଠାନ, ୧୭୩ଟି ରାସ୍ତା, ୧୩୨ଟି ଜଳସେଚନ ପମ୍ପ, ୨,୦୦୫ ପରିବାର ଓ ବ୍ୟବସାୟ ସଂସ୍ଥାକୁ ବିଜୁଳି ଯୋଗାଇ ଦେବାର ସିଦ୍ଧାନ୍ତ ରହିଛି । ବିଭିନ୍ନ ଅନୁନ୍ନତ ଅଞ୍ଚଳକୁ ବିଦ୍ୟୁତ୍ ଯିବାଦ୍ୱାରା ଲୋକମାନଙ୍କ ମନରେ ଅପୂର୍ବ ଉତ୍ସାହ ଦେଖାଦେଇଛି । ଜିଲ୍ଲାର ବିଭିନ୍ନ ବ୍ଲକ ଓ ମହକୁମା ସମିତି ଜରିଆରେ ଆଦିବାସୀ ଓ ହରିଜନ ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ନଜର ଦେଇ ପୁଷ୍ଟିକର ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯାଇଛି । ଆଧୁନିକ ଚିକିତ୍ସା ପ୍ରତି ସାଧାରଣ ରହିଥିବା ଗ୍ରାମାଞ୍ଚଳର ଅଧିକ ଆଦିବାସୀଙ୍କ ମନରେ ଅନ୍ଧବିଶ୍ୱାସ-ମୂଳକ ଚେତନା ଓ ଚିନ୍ତା ପରିବର୍ତ୍ତିତ ହୋଇପାରିଛି । ଫଳରେ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଚିକିତ୍ସା ଫଳରେ ମାରାତ୍ମକ ରୋଗମାନଙ୍କ ହାତରୁ ସେମାନଙ୍କୁ ରକ୍ଷା କରାଯାଇ ପାରୁଛି ।

ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ କେନ୍ଦୁଝର ଜିଲ୍ଲାର ପ୍ରଗତି ପଥରେ ଯେଉଁ ପ୍ରତିକୂଳ ବାତାବରଣର ଅଭାବ ଅନୁଭୂତ ହୋଇଥିଲା, ଆଜି ସେହି ପ୍ରଗତିର ପଥ ଉନ୍ମୋଚିତ ହୋଇଛି । ସମୃଦ୍ଧିର ପଥ ସୁଗମ ହୋଇଛି । ନୈତିକ ମାନଦଣ୍ଡ ବେଶ୍ ସୁଦୃଢ଼ ହୋଇପାରିଛି । ଜିଲ୍ଲାର ବିଭିନ୍ନ ସରକାରୀ ଦପ୍ତରମାନଙ୍କରେ ସଚ୍ଚୋଟତା, କର୍ମତତ୍ପରତା, ଦାୟିତ୍ୱବୋଧ, ସଜାଗତା, ଶୃଙ୍ଖଳା ଯଥେଷ୍ଟ ପରିମାଣରେ ଅନୁଭୂତ ହୋଇଛି ।

ବାର୍ଦ୍ଧକ୍ୟ ଭତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି ।
ବୃଦ୍ଧ, ନିଃସ୍ୱ ଲୋକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ନିମନ୍ତେ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି । କେନ୍ଦୁଝର ଜିଲ୍ଲାରେ ୧୯୭୫-୭୬ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ଜିଲ୍ଲାରେ ସମୁଦାୟ ୬୪୨ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇଛି । କେନ୍ଦୁଝର ଜିଲ୍ଲାରେ ୧୯୭୫-୭୬ ଆର୍ଥିକ ବର୍ଷରେ ମତ୍ସ୍ୟଚାଷର ବିକାଶ ଯଥେଷ୍ଟ ପରିମାଣରେ ବୃଦ୍ଧି ପ୍ରାପ୍ତ ହୋଇପାରିଛି—ମତ୍ସ୍ୟଚାଷର ସମୁଦ୍ର ଉନ୍ନତି ବିଧାନ ନିମନ୍ତେ ସରକାର ନେଇଥିବା ପଦକ୍ଷେପାନୁଯାୟୀ ଉନ୍ନତ ଧରଣର ମତ୍ସ୍ୟବର୍ଦ୍ଧନ ଉତ୍ପାଦନ ପାଇଁ ଡେଲକୋଇ, ଦନ୍ଦବାନ, ମୁଣ୍ଡାଖୋସ ଓ ମଞ୍ଜୁଳାଠାରେ ୪ ଗୋଟି କେନ୍ଦ୍ର ସ୍ଥାପିତ ହୋଇଛି । ୬୨୫·୦୦ ଏକର ଆୟତନ ବିଶିଷ୍ଟ ୩୯୦-ଗୋଟି ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ କରାଯାଇଛି । ଆନନ୍ଦପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ହାଦଗଡ଼ ଜଳଭଣ୍ଡାରରୁ ମତ୍ସ୍ୟଧରି ଜେଲେମାନେ ସୁବିଧାରେ ଜୀବିକା ନିର୍ବାହ କରିବାପାଇଁ ଏକ ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯାଇଛି । କେନ୍ଦୁଝର ଜିଲ୍ଲା ବାଂଶପାଳ, ଡେଲକୋଇ, ହରିଚନ୍ଦନପୁର ବ୍ଲକର ୨୭ ଜଣ ଆଦିବାସୀ ଙ୍କୁ ୧,୯୨,୭୫୦ର ଋଣ ମଞ୍ଜୁର ପାଇଁ ବ୍ୟବସ୍ଥା କରାଯାଇଛି ।

ଅନୁନ୍ନତ ଜାତିର ଅଶେଷ କଲ୍ୟାଣ ସାଧନ ଦିଗରେ ଆଜି ଜନପ୍ରିୟ ସରକାରଙ୍କ ନେତୃତ୍ୱରେ ଯେଉଁ ସାମାଜିକ ବିପ୍ଳବର ଆରମ୍ଭ ହେଲା ଏହି ସଂଗ୍ରାମ ଜାରି ରହୁ, ଅରୁଣୋଦୟର ନୂଆ ପ୍ରେରଣା ନେଇ ପ୍ରତି ଜନତାର ହୃଦୟ ଆମ ସରକାରଙ୍କ ନିର୍ଦ୍ଦିଷ୍ଟ ଅନୁଚିନ୍ତା ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଉଦ୍‌ବୁଦ୍ଧ କରୁ ଏବଂ ଏହାହିଁ ଜାତିର ଲକ୍ଷ୍ୟ ହେଉ ।

କୁମାରୀ ସୌଭାଗ୍ୟ ପଟ୍ଟନାୟକ, ସାମ୍ବାଦିକ
କଲେଜ ରୋଡ, କେନ୍ଦୁଝର



# THE INDUSTRIAL DEVELOPMENT CORPORATION OF ORISSA, LTD.

( A Government of Orissa Undertaking )

Post Box No. 78, Bhubaneswar Division-I

Phone—52070
52120
Gram—Indevco

| UNITS IN OPERATION | PRODUCTS |
|---|---|
| (1) Hira Cement Works, P. O. Bardol, Via Bargarh, district Sambalpur. | "IDCOL" Brand Portland Cement |
| (2) Ferro-chrome Plant, Jajpur Road, district Cuttack. | High Carbon Ferro-chrome, Low Carbon Ferro-chrome, Extra Low Carbon Ferro-chrome, Silico Chrome, Ferro-silicon, etc. |
| (3) Tile Factory, Choudwar, district Cuttack. | Coiling Tiles, Flooring Tiles, Roofing Tiles, Ridge Tiles, Dust-packed Bricks, Common Bricks. |
| (4) East Coast Salt and Chemical Industries Ltd., Sumandi (Ganjam). | Chemical and Edible Salt |

UNITS UNDER JOINT SECTOR

1 Orichem Ltd.,
Jhunajhunawala Garden,
Bhubaneswar.

2. Konarak Jute Ltd.,
50-A, Kharvel Nagar,
Bhubaneswar.



# ପ୍ରଧାନ ମନ୍ତ୍ରୀ କଣ କହନ୍ତି ?

"ବିଜ୍ଞାନ ଜଗତରେ ଯେଉଁ ବିପ୍ଳବ ଲାଗିରହିଛି, ସେଥିରେ ଅଂଶଗ୍ରହଣ କରିବା ଦିଗରେ ଭାରତକୁ ନାନାପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ୁଛି । ମଣିଷ ନିଜକୁ, ତଥା ତାର ପାରିପାର୍ଶ୍ୱିକ ଅବସ୍ଥାକୁ ଭଲଭାବେ ବୁଝିବାଲାଗି ବହୁଦିନରୁ ଯେଉଁ ଅନୁସନ୍ଧାନ ଚଳାଇ ଆସିଛି, ବିଜ୍ଞାନର ମୌଳିକ ଗବେଷଣା, ତାହାର ଏକ ରୂପରେଖବୋଲି ଆମେ ସ୍ୱୀକାର କରୁ । ସେହି ଅନୁସନ୍ଧାନରେ ସକ୍ରିୟଭାବେ ଅଂଶଗ୍ରହଣ କରିବା ଆମ ପୁରାତନ ସଭ୍ୟତା ପକ୍ଷରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଆମ ସଭ୍ୟତା ଖୁବ୍ ସମୃଦ୍ଧ ଏବଂ ଏହା ପରିବର୍ତ୍ତିତ ପରିସ୍ଥିତି ସହିତ ସର୍ବଦା ନିଜକୁ ଖାପ୍ ଖୁଆଇ ଆସିଛି । ତେଣୁ ଆମ ଜନସଂଖ୍ୟାର ବହୁଳାଂଶର ଭାବନଧାରଣମାନଙ୍କୁ ଯଥାଶୀଘ୍ର ଉନ୍ନତ କରିବାକୁ ହେବ । ଦାଡି ଆଜି ଏହି ବିରାଟ ସମସ୍ୟାର ସମ୍ମୁଖୀନ । ଏହାର ମୁକାବିଲା କରିବା ପାଇଁ ଜବାହରଲାଲ ନେହେରୁଙ୍କ ଭାଷାରେ କୁହାଯିବ ଯେ ବିଜ୍ଞାନ ଏ ଦିଗରେ ଅମର ପ୍ରଧାନ ସହାୟକ" ।

ପ୍ରଧାନ ମନ୍ତ୍ରୀ ଏଠାରେ ଆମ ଦେଶପାଇଁ ବିଜ୍ଞାନର ଦୁଇପ୍ରକାର ଉପଯୋଗିତା କଥା କହୁଛନ୍ତି । ସେ କହୁଛନ୍ତି ଯେ, ବିଜ୍ଞାନର ଯେଉଁ ଦିଗଟି ମନୁଷ୍ୟକୁ ତାର ପରିପାର୍ଶ୍ୱକୁ ବୁଝିବାରେ ସାହାଯ୍ୟ କରେ ଓ ଏ ସୃଷ୍ଟିର ଯାବତୀୟ ବିଷୟ ସଂପର୍କରେ ସଠିକ ଜ୍ଞାନ ଅର୍ଜନ କରିବାରେ ସାହାଯ୍ୟ କରେ—ସେ ସମ୍ବନ୍ଧେ ଦେଶବାସୀଙ୍କୁ ଅବହିତ କରିବା ନିତାନ୍ତ ଉଚିତ ଏଥିରେ ସନ୍ଦେହ ନାହିଁ । ମାତ୍ର ସବୁଠାରୁ ବଡ଼କଥା ହେଉଛି—ଷାଠିଏ କୋଟି ଲୋକଙ୍କର ଏହି ଦେଶରୁ ଦାରିଦ୍ର୍ୟ ଓ ନାନାବିଧ ଅଭାବ ମୋଚନ କରି ଲୋକମାନଙ୍କର ଭାବନଧାରଣାମାନଙ୍କୁ ଯେପରି ଖୁବ୍ ଶୀଘ୍ର ଉନ୍ନତ କରାଯାଇ ପାରିବ—ସେ ଦିଗରେ ବୈଜ୍ଞାନିକମାନେ ତାଙ୍କର ଜ୍ଞାନକୁ ଯଥୋପଯୋଗୀ ଖଟାନ୍ତୁ । ଭାରତ ସାଧାରଣ ଲୋକଙ୍କର ମୂଳ ସମସ୍ୟା ହେଉଛି—ବଞ୍ଚିବାର ସମସ୍ୟା । ବିଜ୍ଞାନକୁ ଏହି ଦିଗରେ ପ୍ରୟୋଗ କରାଯିବା ହିଁ ସବୁଠାରୁ ଖୁବ୍ ବଡ଼କଥା ।

# ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ

ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଓଡ଼ିଶାର ନୂତନ କଂଗ୍ରେସ ମନ୍ତ୍ରୀମଣ୍ଡଳ ୧୯୭୬ ଡିସେମ୍ବର ୨୯ ତାରିଖ ଅପରାହ୍ଣ ୧ ଘଣ୍ଟା ୫୨ ମିନିଟ୍‌ରେ ଶପଥ ଗ୍ରହଣ କରିଛନ୍ତି । ଏହି ମନ୍ତ୍ରୀମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ୍ ୧୪ ଜଣ ସଭ୍ୟ ଅଛନ୍ତି । ନୂତନ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ୧୯୭୬ ଡିସେମ୍ବର ୧୬ ତାରିଖରେ ଘୋଷିତ ହୋଇଥିବା ରାଷ୍ଟ୍ରପତି ଶାସନର ଅବସାନ ଘଟିଛି ।

ଏହି ନୂତନ ମନ୍ତ୍ରୀମଣ୍ଡଳରେ ୯ ଜଣ ମନ୍ତ୍ରୀ, ୪ ଜଣ ରାଷ୍ଟ୍ରମନ୍ତ୍ରୀ ଓ ଜଣେ ଉପମନ୍ତ୍ରୀ ଅଛନ୍ତି । ମନ୍ତ୍ରୀମଣ୍ଡଳ ସଦସ୍ୟମାନଙ୍କ ମଧ୍ୟରେ ନିମ୍ନଲିଖିତ ମତେ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଛି —

୧ । ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ ..... ଘରୋଇ, ଅର୍ଥ, ପଲିଟିକାଲ ଆଣ୍ଡ୍ ସର୍ଭିସେସ୍, ଯୋଜନା ଓ ସମନ୍ୱୟ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ।

୨ । ମନ୍ତ୍ରୀ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ ..... ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ୍, ଶିକ୍ଷା, ଯୁବମଙ୍ଗଳ ଏବଂ ଆଇନ୍ ।

୩ । ମନ୍ତ୍ରୀ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ..... ପୂର୍ତ୍ତ ଓ ପରିବହନ ।

୪ । ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲ୍ଲାକା ..... ଖାଦ୍ୟ ଓ ଯୋଗାଣ ।

୫ । ମନ୍ତ୍ରୀ ଶ୍ରୀ ମୋହନ ନାୟକ ..... ଗୋଷ୍ଠୀ ଉନ୍ନୟନ ଓ ସମାଜ ମଙ୍ଗଳ, ନଗରାଞ୍ଚଳ ଉନ୍ନୟନ ।

୬ । ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ..... ଶିଳ୍ପ ଓ ବାଣିଜ୍ୟ

୭ । ମନ୍ତ୍ରୀ ଡାକ୍ତର ବେଣୁଧର ବଳିୟାର ସିଂହ ..... ଶ୍ରମ, ନିଯୁକ୍ତି, ଗୃହ ସଂସ୍ଥାନ ଓ ଅବକାରୀ ।

୮ । ମନ୍ତ୍ରୀ ଶ୍ରୀ ଭଗୀରଥି ଗମାଙ୍ଗ ..... ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ।

୯ । ମନ୍ତ୍ରୀ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ ..... କୃଷି ଓ ସମବାୟ ।

୧୦ । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ..... ଅର୍ଥ, ଯୋଜନା ଓ ସମନ୍ୱୟ, ଖଣି ଓ ଭୂତତ୍ତ୍ୱ ।

୧୧ । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମତଲୁବ୍ ଅଲ୍ଲୀ ..... ରାଜସ୍ୱ, ଶିକ୍ଷା ଓ ଯୁବମଙ୍ଗଳ ଏବଂ ସାଂସ୍କୃତିକ ବ୍ୟାପାର ଓ ପର୍ଯ୍ୟଟନ ।


୧୨ । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ ..... ଜଙ୍ଗଲ, ମତ୍ସ୍ୟ ଉନ୍ନୟନ ଓ ପଶୁ ପାଳନ ।

୧୩ । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା ..... ଆଦିବାସୀ, ଗ୍ରାମମଙ୍ଗଳ, ଗ୍ରାମାଞ୍ଚଳ ଉନ୍ନୟନ ।

୧୪ । ଉପମନ୍ତ୍ରୀ ଶ୍ରୀ ମୋହନ ନାଗ ..... ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ।

—୦ଃ—

OGP.—MP-VI [Home (P.R.)] 99—8,000—12-1-1977





**ମନ୍ତ୍ରୀ**

ଶ୍ରୀ ବିନାୟକ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ

ଶ୍ରୀ ଗଙ୍ଗାଧର ପାଇକ୍ରାୟ

ଶ୍ରୀ ଲକ୍ଷ୍ମଣ ମଲ୍ଲିକ

ଶ୍ରୀ ରାମଚନ୍ଦ୍ର ଉଲ୍ଲାକା

ଶ୍ରୀ ମୋହନ ନାୟକ

ଶ୍ରୀ ବାବୁ ଚରଣ ଲେଙ୍କା

ଡାକ୍ତର ବେଣୁଧର ରବିନ୍ଦ୍ର ସିଂହ

ଶ୍ରୀ ହରିହର ବମାଲ

ଡାକ୍ତର ଯୋଗେଶଚନ୍ଦ୍ର ରାଉତ

**ରାଷ୍ଟ୍ରମନ୍ତ୍ରୀ**

ଶ୍ରୀ ଜଗନ୍ନାଥ ପଟ୍ଟନାୟକ

ଶ୍ରୀ ମଙ୍ଗୁଲୁ ଅଣ୍ଡି

ଶ୍ରୀ ଭଜମନ ବେହେରା

**ଉପମନ୍ତ୍ରୀ**

ଶ୍ରୀ ମୋହନ ନାଗ



ଡିସେମ୍ବର ୨୨ ତାରିଖରେ ଓଡ଼ିଶା ବିଧାନ ସଭା କଂଗ୍ରେସ ଦଳର ନେତାରୂପେ ନିର୍ବାଚିତ ହେବା ପରେ ଶ୍ରୀ ବିନାୟକ ଆଚାର୍ଯ୍ୟ ଦଳର ସଭ୍ୟମାନଙ୍କୁ ଉଦ୍ବୋଧନ କରୁଛନ୍ତି ।

Licence No. C. R. N. P. 5—Licensed to post without Pre-Payment Regd. No. 0-247





୧୯୭୭ ସେପ୍ଟେମ୍ବର ୧୦ ତାରିଖରେ ବାଲେଶ୍ୱର ସହରରେ ସ୍ୱାଧୀନତା ଦିବସ [illegible] ଆୟୋଜିତ ଉତ୍ସବରେ ମହାନ୍ ବିପ୍ଳବୀ ନେତା ଭଗତ ସିଂହଙ୍କ କନିଷ୍ଠ ଭ୍ରାତା ତଥା ଉତ୍ତର [illegible] ଯୋଗାଣ ମନ୍ତ୍ରୀ ଶ୍ରୀ କୁଲତାର ସିଂହ, ଓଡ଼ିଶାର ପୂର୍ତ୍ତ ଭବନ ନିର୍ମାଣ ଉପମନ୍ତ୍ରୀ ଶ୍ରୀ ମଦନ [illegible] ଉପ ବାଚସ୍ପତି ଶ୍ରୀ ଚିନ୍ତାମଣି ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି



କୃଷି ବିଶ୍ୱବିଦ୍ୟାଳୟର ମୌଳିକ ବିଜ୍ଞାନ କଲେଜର ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଧଉଳିଠାରେ ପୋଖରୀ ଖୋଳୁଛନ୍ତି ।

...nted at Orissa Govt. Press, Cuttack-10